ଧରିତ୍ରୀ
DHARITRI
November 23-29, 2025 ₹ 2/-
ଧରିତ୍ରୀ DHARITRI 51 Years

ଛୁଟିଦିନ

# ଅସହାୟଙ୍କ ସାଥୀ



ଗରିବ, ଅସହାୟ ରୋଗୀ
କିପରି ଠିକ୍ ସମୟରେ
ଉପଯୁକ୍ତ ଚିକିତ୍ସା ପାଇବେ,
ସେହି ଚିନ୍ତା ଏମାନଙ୍କୁ ଘାରେ।
ସେଥିପାଇଁ ତ ଏମାନେ
ଯୋଗାଇ ଦେଉଛନ୍ତି ମାଗଣା
ଆମ୍ବୁଲାନ୍ସ ସେବା।
ଆଉ ପାଲଟିଛନ୍ତି
ଅସହାୟଙ୍କ ସାଥୀ ...

୩
ପ୍ରଚ୍ଛଦ ପ୍ରସଙ୍ଗ



## ଓଠରୁ ଜାଣିହେବ ସ୍ୱାସ୍ଥ୍ୟ

ଓଠ କେବଳ ସୌନ୍ଦର୍ଯ୍ୟ ବୃଦ୍ଧି କରେ ତାହା ନୁହେଁ ଏହା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ବି ସୂଚନା ଦେଇଥାଏ । ଯାହାର ଓଠ ଯେତେ ସୁନ୍ଦର ଓ ସୁସ୍ଥ, ତା'ର ସ୍ୱାସ୍ଥ୍ୟ ସେତେ ଭଲ ଥାଏ ବୋଲି ବିଶ୍ୱାସ କରାଯାଏ। ହେଲେ ବେଳେବେଳେ କୌଣସି କାରଣ ଯୋଗୁ କାହାର ଓଠ ଶୁଖି ଫାଟି ଯାଇଥାଏ ତ କାହାର ଓଠ କଳା ପଡ଼ିଯାଇଥାଏ। ଏହାର କାରଣ କ'ଣ ଜାଣନ୍ତୁ ସେ ସମ୍ପର୍କରେ...



✲ **ଶୁଖିଲା ଓଠ:** ଶରୀରରେ ଜଳୀୟଅଂଶ କମିଗଲେ ଓଠ ଶୁଖିଲା ଦେଖାଯାଇଥାଏ। ଏଭଳି କ୍ଷେତ୍ରରେ ପାଣି ଅଧିକ ପିଇବା ଆବଶ୍ୟକ। ପଇଡ଼, ଦହି ସରବତ, ଲେମ୍ବୁ ପାଣି, ଆଖୁ ରସ ଅଥବା ପଖାଳ ତୋରାଣି ବି ପିଇଲେ ଅନେକ ସୁଫଳ ମିଳିଥାଏ।

✲ **ଓଠ ଫାଟିବା:** ଶରୀରରେ ଓମେଗା-୩ ଫ୍ୟାଟି ଏସିଡ୍‌ର ମାତ୍ରା କମିଗଲେ ସ୍କିନ୍ ଡ୍ରାଏ ହେବା ସହ ଚୁଟି ଝଡ଼ିବାକୁ ଲାଗେ, ନଖ ଭାଙ୍ଗିଯାଏ ଏବଂ ଓଠ ବି ଫାଟେ। ଏଥିପାଇଁ ଅଖରୋଟ, ଅଲ୍‌ସୀ ଖାଇବା ଭଲ।

✲ **ଫିକା ଓଠ:** ଶରୀରରେ ଆଇରନ୍‌ର ମାତ୍ରା କମ୍ ଥିଲେ ଓଠ ଫିକା ପଡ଼ିବାକୁ ଲାଗେ। ଏଥିରୁ ମୁକ୍ତି ପାଇବା ପାଇଁ ପାଳଙ୍ଗ ଶାଗ, ସଜନା ଶାଗ ଖାଇବା ଆବଶ୍ୟକ।

✲ **କଳା ଓଠ:** ଅତ୍ୟଧିକ ଧୂମପାନ, ଜଳୀୟଅଂଶର ଅଭାବ ଅବା ଖରାରେ ଅଧିକ ବୁଲିବା ଯୋଗୁ ଶରୀରରେ ମେଲାନିନ୍‌ର ମାତ୍ରା ବୃଦ୍ଧି ପାଇ ବେଳେବେଳେ ଓଠ କଳା ପଡ଼ିଯାଏ। ଏଭଳି କ୍ଷେତ୍ରରେ ଅଁଳା, ପିଜୁଳି, କମଳା ଆଦି ଖାଇବା ଭଲ।

✲ **ଓଠରେ ଘା' ହେବା ଅବା ଚମଡ଼ା ଛାଡ଼ିବା:** ଶରୀରରେ ଭିଟାମିନ୍ ବି-୨ର ମାତ୍ରା କମିଗଲେ ଏହିସବୁ ସମସ୍ୟା ଦେଖାଯାଇଥାଏ। ଦହି ଓ ଛତୁ ଖାଇବା ଆବଶ୍ୟକ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ନଭେମ୍ବର ୨୩-୨୯, ୨୦୨୫**

**ମେଷ**
ଆରୋଗ୍ୟ ଲାଭ, ମିତ୍ରତା ବୃଦ୍ଧି ପାଇବ, ଦୂରଯାତ୍ରା କରିପାରନ୍ତି, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ, ଆନୁଷ୍ଠାନିକ କର୍ମାରମ୍ଭ, ପଦମର୍ଯ୍ୟାଦା ବୃଦ୍ଧି, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ନୂତନସମ୍ପର୍କ ସୃଷ୍ଟି ହେବ, ପାରିବାରିକ ସୌହାର୍ଦ୍ଦ୍ୟ, କଳା ଓ ସାହିତ୍ୟରେ ସମ୍ମାନ ॥

**ବୃଷ**
ପରିଜନଙ୍କ ସହ ଭ୍ରମଣ, ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, ପରିସ୍ଥିତିକୁ ସଜାଡିବେ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ବିଭିନ୍ନ ସୂତ୍ରରୁ ରୋଜଗାର, ଭୁଲ୍ ଖବର ପାଇବେ, ସାମୟିକଭାବରେ ବିବ୍ରତ, ମାନସିକ ଅବସାଦ, ପରିବାରର ଖର୍ଚ୍ଚଭାର ବୃଦ୍ଧି ॥

**ମିଥୁନ**
ପାରିବାରିକ ସଦ୍‌ଭାବ, ପ୍ରତୀକ୍ଷିତ ଖବର ପାଇବେ, ବ୍ୟବସାୟ ସଙ୍କୁଚିତ ହେବ, ଅତିଥି ଚର୍ଚ୍ଚାରୁ ଆନନ୍ଦ, ପରୋକ୍ଷ ବୈଷୟିକ ଅଭିବୃଦ୍ଧି, ଯାନ୍ତ୍ରିକ ଜିନିଷ କିଣିବେ, ରୋଗର ପୀଡା କମିଯିବ, ବାଣିଜ୍ୟାରମ୍ଭ କରିପାରନ୍ତି, ଭ୍ରମଣ ସୁଯୋଗ ପାଇବେ ॥

**କର୍କଟ**
ଭାବ ପ୍ରବଣତା ବଢ଼ିବ, ସମସ୍ୟାର ସମାଧାନ, ବନ୍ଧୁଙ୍କ ବାଚନିକ ସାହାଯ୍ୟ, ପୈତୃକ ସମ୍ପତିରେ ଟଣାଓଟରା, ସଭାସମିତିକୁ ନିମନ୍ତ୍ରଣ, ସାମାଜିକ ପ୍ରତିଷ୍ଠା, ବସ୍ତ୍ରଭୂଷଣ ପ୍ରାପ୍ତି, ଧର୍ମକାର୍ଯ୍ୟ କରିପାରନ୍ତି ॥

**ସିଂହ**
ଦୈହିକ ଦୁର୍ବଳତା, ଆର୍ଥିକ ଅନଟନ, ପଡୋଶୀଙ୍କ ପରାମର୍ଶ, ନୂତନ କର୍ମାରମ୍ଭ, ପାରିବାରିକ ସମର୍ଥନ, ଆତ୍ମୀୟଙ୍କ ସହଯୋଗ, ଉପରିସ୍ଥଙ୍କ ତାଗିଦା, କୈଫିୟତ୍ ଦେବାକୁ ପଡ଼ିପାରେ, ବନ୍ଧୁଙ୍କ ପ୍ରେରଣା ॥

**କନ୍ୟା**
ଶାରିରୀକ ସୁସ୍ଥତା, ଅପ୍ରିୟଭାଷଣରୁ କଳହ, ସହକର୍ମୀଙ୍କ ବଦାନ୍ୟତା, ଆନୁସଙ୍ଗିକ ସାହାଯ୍ୟ ପ୍ରାପ୍ତି, ଯାନବାହନ କ୍ରୟ କରିପାରନ୍ତି, ଶତ୍ରୁକୃତ ସମସ୍ୟା, ବ୍ୟବସାୟିକ ଉତ୍କର୍ଷତା, ନିର୍ମାଣ ଆରମ୍ଭରେ ବିବାଦ, ଦୂରଯାତ୍ରାର ଲକ୍ଷ୍ୟ ପୂରଣ ॥

**ତୁଳା**
ଶୁଭ ଖବର ପାଇବେ, ବନ୍ଧୁ ମିଳନର ଆୟୋଜନ, ଖୁସିର ଆସର ଜମିପାରେ, ଅଧସ୍ତନଙ୍କ ଅନୁରକ୍ତି, ଆଶାନୁରୂପ ଫଳପାଇବେ, ସହକର୍ମୀଙ୍କ ଅସହଯୋଗ, ବ୍ୟବସାୟରେ ଉନ୍ନତି, ଆଇନ ସହାୟତା ପ୍ରାପ୍ତି, ବିବାଦରେ ବିଜୟ ॥

**ବିଛା**
ମାନସିକ ଅସ୍ଥିରତା, ବିଶିଷ୍ଟବ୍ୟକ୍ତିଙ୍କ ପରାମର୍ଶ, ବିପଦମୁକ୍ତ ହେବେ, ସମସ୍ୟା ସମାଧାନ ହେବ, ପିଲାଙ୍କ ବିଶୃଙ୍ଖଳିତ ଆଚରଣ, ବନ୍ଧୁଙ୍କ ସ୍ୱାର୍ଥପରତା, ଧନ ହାନୀ ଘଟିପାରେ, ଉଚ୍ଚବର୍ଗଙ୍କ ସମାଲୋଚନା, ଶାରୀରିକ ଅସୁସ୍ଥତା, ରଚନାତ୍ମକ କାମରୁ ପ୍ରଶଂସା ॥

**ଧନୁ**
ହାତ ଖାଲି ରହିବ ନାହିଁ, ବନ୍ଧୁ ଅଭିମାନ କରିପାରନ୍ତି, ପଡୋଶୀଙ୍କ କ୍ରୋଧ, ନିର୍ମାଣାଧୀନ କାର୍ଯ୍ୟରେ ଦ୍ୱନ୍ଦ୍ୱ, ପରିବହନରେ ସମସ୍ୟା, ଭୁଲ୍ ବୁଝାମଣାରୁ କଳହ, ବ୍ୟସ୍ତତା ବୃଦ୍ଧିପାଇବ, ସାଂସ୍କୃତିକ କାର୍ଯ୍ୟକ୍ରମ ॥

**ମକର**
ନୂତନ ବନ୍ଧୁସମ୍ପର୍କ, ଆର୍ଥିକ ଅନଟନ, ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ, ସରକାରୀ ସହାୟତା, ଧର୍ମଚର୍ଚ୍ଚା ପ୍ରତି ଆଗ୍ରହ, ସ୍ଥଗିତ କାର୍ଯ୍ୟାରମ୍ଭ, ସରଳବିଶ୍ୱାସରୁ ହଇରାଣ ହେବେ, ପାରିବାରିକ ସମସ୍ୟା, ଦୂରଯାତ୍ରାର ପରିକଳ୍ପନା ॥

**କୁମ୍ଭ**
ଆଶା ପୂରଣ ହେବ, ବୁଝାମଣା ଠିକ୍ ରହିବ, ବନ୍ଧୁ ଭୁଲ୍ ବୁଝିବେ, ପରିବାରର ବ୍ୟୟ ବୃଦ୍ଧି, ନୂତନ କର୍ମାରମ୍ଭ, ବ୍ୟବସାୟରେ ଉନ୍ନତି, ଦୃଢ ପଦକ୍ଷେପ ନେଇପାରନ୍ତି, ସାହିତ୍ୟ କୃତିରୁ ପ୍ରଶଂସା, ଆଇନ ସହାୟତା ପ୍ରାପ୍ତି, ବିବାଦରେ ବିଜୟ ॥

**ମୀନ**
ଦୂରଯାତ୍ରା ସଫଳ, ମନୋବଳ ବୃଦ୍ଧି ହେବ, ଠକାମିରେ ପଡ଼ିପାରନ୍ତି, ପାରିବାରିକ ଅଶାନ୍ତି, ସେବା ମନୋବୃତ୍ତିରୁ ପ୍ରଶଂସା, ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ, ମୂଲ୍ୟବାନ ଦ୍ରବ୍ୟପ୍ରାପ୍ତି, ସ୍ଥଗିତ କାମରେ ଅବହେଳା, କୈଫିୟତ୍ ଦେବାକୁ ପଡ଼ିପାରେ, ଆନୁଷ୍ଠାନିକ କାମରେ ସଫଳତା ॥

## ଦୀପ ଜାଳିବା ସମୟରେ...

ଠାକୁରଙ୍କ ପାଖରେ ନିୟମିତ ଦୀପ ଜାଳିଲେ ଘରେ ସକାରାତ୍ମକ ଉର୍ଜା ବୃଦ୍ଧିପାଏ। କେହି କେହି ଦୀପ ଜାଳିବା ସମୟରେ ସେଥିରେ କର୍ପୂର ବି ପକାଇଥାନ୍ତି ; ଯାହାକି ବାତାବରଣକୁ ଆହୁରି ପବିତ୍ର କରିଦିଏ। ତେବେ କେବଳ କର୍ପୂର କାହିଁକି ଆହୁରି ଏମିତି ଅନେକ ଜିନିଷ ରହିଛି ; ଯାହାକୁ ଦୀପରେ ପକାଇ ଜାଳିବା ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଯେମିତିକି: ✲ ଲବଙ୍ଗ ପକାଇ ଦୀପ ଜାଳିଲେ ଘରେ ସକାରାତ୍ମକ ଉର୍ଜା ବୃଦ୍ଧି ପାଇବା ସହ କାହାର ଖରାପ ନଜରରୁ ପରିବାର ଲୋକଙ୍କୁ ମୁକ୍ତି ମିଳିଥାଏ। ✲ ସେହିପରି ଗୋଲମରୀଚ ପକାଇ ଦୀପ ଜାଳିଲେ ଘରର ଆର୍ଥିକ ସମସ୍ୟାରେ ସୁଧାର ଆସିଥାଏ ବୋଲି ବିଶ୍ୱାସ ରହିଛି।✲ କଳା ରାଶି ପକାଇ ଦୀପ ଜାଳିଲେ ଶନି ଦେବ ପ୍ରସନ୍ନ ହେବା ସହ କାର୍ଯ୍ୟରେ ଥିବା ବାଧା ଦୂରେଇଯାଏ ବୋଲି ବିଶ୍ୱାସ ରହିଛି। ✲ କିଛି ହଳଦୀ ପକାଇ ନିୟମିତ ଦୀପ ଜାଳିଲେ ମାତା ଲକ୍ଷ୍ମୀ ପ୍ରସନ୍ନ ହେବା ସହ ଧନପ୍ରାପ୍ତିର



ସୁଯୋଗ ଆସିଥାଏ ବୋଲି ବାସ୍ତୁ ବିଶେଷଜ୍ଞ ମତ ଦେଇଥାନ୍ତି। ✲ ଅନ୍ୟପକ୍ଷେ ଦୀପରେ କିଛି ଅରୁଆ ଚାଉଳ ପକାଇ ନିୟମିତ ଦୀପ ଜାଳିବା ଦ୍ୱାରା ଦେବଦେବୀ ପ୍ରସନ୍ନ ହେବା ସହ ଘରେ ସେମାନଙ୍କର ବାସ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ପାଠକୀୟ

✲ ବୟସ କମ୍। ହେଲେ ସବୁଥିରେ ଆଗୁଆ। ନିଜ ପ୍ରତିଭାବଳରେ ଦେଶ ବିଦେଶରେ ନାଁ କରିଛନ୍ତି। ଆଉ ପ୍ରମାଣ କରିଛନ୍ତି ସେମାନେ ସୁପର କିଡ୍‌ସ। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ପ୍ରସ୍ତୁତ 'ସୁପର କିଡ୍‌ସ'ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇଥିଲା। 'ଆଲମାରିକୁ ନେଇ ବାସ୍ତୁ ନିୟମ', 'ଶାନ୍ତି ପୂର୍ଣ୍ଣ ଜୀବନ ପାଇଁ' ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ସନ୍ଧ୍ୟାରାଣୀ ଦାଶ, କଟକ*

✲ କଅଁଳ ବୟସ। ଆଖିରେ ଆଖିଏ ସ୍ୱପ୍ନ। ସେ ସ୍ୱପ୍ନସବୁକୁ ସତ କରିବାର ଝୁଙ୍କ ବି ଅଛି। ସେଇଥିପାଇଁ ତ ନିଜ ପ୍ରତିଭା ବଳରେ ବିଭିନ୍ନ କ୍ଷେତ୍ରରେ ନାଁ କରିଛନ୍ତି। ଆଉ ନିଜ ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଛନ୍ତି। ପ୍ରମାଣିତ କରିଛନ୍ତି ଛୋଟ ହେଲେ ବି କେଉଁ ଗୁଣରେ କମ୍ ନୁହନ୍ତି। ବରଂ ସେମାନେ ସୁପର୍ କିଡ୍‌ସ। ଏଭଳି ଏକ ମନଛୁଆଁ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗଟି ହୃଦୟସ୍ପର୍ଶୀ ହେବା ସହ ପ୍ରେରଣାଦାୟୀ ଥିଲା।

*– ସଞ୍ଜୁକ୍ତା ମାଝି, ସମ୍ବଲପୁର*

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ କବି, ଗାଳ୍ପିକ, ଔପନ୍ୟାସିକ ଜୟନ୍ତୀ ଜେନାଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଚାପୁଡ଼ା' ଶୀର୍ଷକ ଗପଟି ମନଛୁଆଁ ଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ଏଥିରେ ସ୍ଥାନିତ 'କନ୍ନଡ ଫିଲ୍ମରୁ ଆରମ୍ଭ', 'ଜାରି ରହିଛି ଲେଖାଲେଖି' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ଥିଲା।

*– ପଦ୍ମାବତୀ ବେହେରା, କାକଟପୁର*

✲ ଚିତ୍ରକର, ସାହିତ୍ୟିକ ଓ ଡାକ୍ତର ରାଜେନ୍ଦ୍ର କୁମାର ବେହେରାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ସୁନ୍ଦର ଥିଲା। ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍‌ଭରା ଲାଗୁଥିଲା। ପାଲୁରଗଡ଼ ସମ୍ପର୍କରେ ବି ବହୁ ଅଜଣା କଥା ଛୁଟିଦିନରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ଐତିହାସିକ ସହର ଜବଲପୁର ସମ୍ପର୍କରେ ବି ସହର ପୃଷ୍ଠାରୁ ବହୁତ କଥା ଜାଣିହେଲା। *– ସୁନିଧି ପ୍ରଧାନ, ସୁନ୍ଦରଗଡ଼*

✲ ବିବିଧା ପୃଷ୍ଠାରେ ସ୍ଥାନିତ ଟିୟର୍ସ ପଛର କଥା ଶୀର୍ଷକ ପାଠଟି ବେଶ୍ ତଥ୍ୟପୂର୍ଣ୍ଣ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ବାନାନା କାର୍', 'ଛୋଟ ହ୍ୟୁମାନ କାଲ୍‌କୁଲେଟର', 'କୃତ୍ରିମ ଜିଭ ବାରିପାରିବ ସ୍ୱାଦ' ଆଦି ପାଠର ଉପସ୍ଥାପନା ଶୈଳୀ ବି ବେଶ୍ ମଜାଦାର୍ ଥିଲା।

*– ସୁଶୀଲ ସାହୁ, ଭବାନୀପାଟଣା*

✲ ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ସେବାର ବନ୍ଧନ' ଶୀର୍ଷକ ପାଠଟି ଯେମିତି ମଜାଦାର୍ ଥିଲା ସେମିତି ଶିକ୍ଷଣୀୟ ବି ହୋଇଥିଲା। ହାଃ ହାଃ ମଧ୍ୟ ବେଶ୍ ମଜାଦାର୍ ଲାଗୁଥିଲା।

*– ସ୍ୱପ୍ନମୟୀ ଷଡ଼ଙ୍ଗୀ, ରାଉରକେଲା*

## ବିଶେଷ ଚିଠି




ସୁପର କିଡ୍‌ସକୁ ନେଇ ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ପ୍ରେରଣା ବି ସେମିତି।
ତା'ସାଙ୍ଗକୁ ଥିଲା ପ୍ରଥମ
ଭାରତୀୟ ଆତ୍ମଜୀବନୀ ଲେଖିକା,
ମନ କିଣି ନେଉଥିଲା ପୁଣି
ତୁମ ସୃଜନର କବିତା।
ବାକି ପୃଷ୍ଠା ସବୁ ବି
କରୁଥିଲା କିମିଆ,
ସେଥିପାଇଁ ଛୁଟିଦିନ ଲାଗ
ସବୁବେଳେ ଭାରି ବଢ଼ିଆ।

*– ରୀତାଞ୍ଜଳି ମିଶ୍ର, ସାକ୍ଷୀଗୋପାଳ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଅସହାୟଙ୍କ ସାଥୀ

**ଗ**ରିବ, ଅସହାୟ ରୋଗୀଙ୍କ ଦୁଃଖରେ ଏମାନଙ୍କ ହୃଦୟ କାନ୍ଦିଉଠେ। ନିଜ ପାରୁପର୍ଯ୍ୟନ୍ତ ଚେଷ୍ଟା କରନ୍ତି ସେମାନଙ୍କୁ ସାହାଯ୍ୟ କରିବାକୁ। ଆବଶ୍ୟକ ପଡ଼ିଲେ ଅନ୍ୟର ସାହାଯ୍ୟ ବି ନିଅନ୍ତି। ରୋଗରେ ପଡ଼ି ଛଟପଟ ହେଉଥିବା ଲୋକଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରାଇବା, ଔଷଧ କିଣିଦେବା ଏପରିକି ଯା'ଆସ ପାଇଁ ମାଗଣା ଆମ୍ବୁଲାନ୍ସର ବି ଏମାନେ ସୁବିଧା କରାଇଦିଅନ୍ତି। ଏଥିପାଇଁ ଏମାନଙ୍କୁ ଅସମୟର ସାଥୀ ଅବା ଅସହାୟଙ୍କ ସାଥୀ ବୋଲି ଲୋକେ କହିଥାନ୍ତି...

**ପାହାଡ଼ିଆ ଅଞ୍ଚଳରେ ଅଟୋ ଆମ୍ବୁଲାନ୍ସର ସୁବିଧା କରାଇଥିବା ରାଧିକା:** ନୀଳଗିରି ପାହାଡ଼ ; ଯାହା ପଶ୍ଚିମ ଘାଟର ଏକ ଅଂଶ । ଏହି ପାହାଡ଼ଟି ତାମିଲନାଡୁ, କେରଳ ଓ କର୍ନାଟକର କିଛି ଅଞ୍ଚଳକୁ ପରିବ୍ୟାପ୍ତ ହୋଇ ରହିଛି। ଏହି ପାହାଡ଼ିଆ ଅଞ୍ଚଳର ଜଣେ ବାସିନ୍ଦା ହେଲେ **ରାଧିକା ଶାସ୍ତ୍ରୀ**। ସେ ଏକ କାଫେ କରି ସେଥିରୁ ଭଲ ଦୁଇପଇସା ରୋଜଗାର କରୁଥିଲେ। ରାଧିକାଙ୍କ ମନକୁ ଗୋଟେ କଥା ସବୁବେଳେ ବିଚଳିତ କରୁଥିଲା ତାହା ଥିଲା ପାହାଡ଼ୀ ଲୋକଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା। କାରଣ ସେ ଯେଉଁ ଜାଗାରେ ରହୁଥିଲେ, ସେଠାରୁ ଅଳ୍ପ କିଛି ଦୂରରେ କିଛି ଗାଁ ଥିଲା। ସେମାନେ ସମସ୍ତେ ପାହାଡ଼ ଉପରେ ରହୁଥିଲେ। ସେଠାରେ ରାସ୍ତାଘାଟର ସେମିତି କିଛି ବିଶେଷ ସୁବିଧା ନ ଥିଲା। ହଠାତ୍ କାହାର ଦେହ ଖରାପ ହେଲେ ଡାକ୍ତରଖାନାକୁ ଯିବା ସେମାନଙ୍କ ପକ୍ଷେ ସମ୍ଭବ ନ ଥିଲା। ବହୁ କଷ୍ଟରେ ଥରେ ଆମ୍ବୁଲାନ୍ସ ଗଲେ ଦ୍ୱିତୀୟ ଥର ଯିବାକୁ କେହି ରାଜି ହେଉ ନ ଥିଲେ। ଏଭଳି କ୍ଷେତ୍ରରେ କିଛି ଲୋକ ଠିକ୍ ସମୟରେ ଚିକିତ୍ସା ନ ପାଇ ମୃତ୍ୟୁର ସମ୍ମୁଖୀନ ହେଉଥିଲେ। କରୋନା ସମୟରେ ତ ପରିସ୍ଥିତି ଆହୁରି ଜଟିଳ ହୋଇଗଲା। ଉପଯୁକ୍ତ ଚିକିତ୍ସା ତଥା ଆମ୍ବୁଲାନ୍ସର ଅଭାବରୁ ରୋଗୀ ଡାକ୍ତରଖାନାକୁ ଯାଇ ନ ପାରି ଖୁବ୍ ଛଟପଟ ହେଲେ ; ଯାହା ରାଧିକାଙ୍କ ମନକୁ ଖୁବ୍ ଆଘାତ ଦେଉଥିଲା। ଏହି ସମୟରେ ଲକ୍ ଡାଉନ୍ ବି ହୋଇଗଲା। ରାଧିକାଙ୍କ କାଫେ ବନ୍ଦ ହୋଇଗଲା। ଘରେ ବସି ରହି ଲୋକଙ୍କ ଏ ଦୁରବସ୍ଥା ଦେଖି ରାଧିକା ଅସ୍ତବ୍ୟସ୍ତ ହୋଇପଡ଼ିଲେ। ଦିନେ ସେ ଫୋନ୍‌ରେ ଏକ ଖବର ପଢ଼ିଲେ ଯେ, ମଧ୍ୟପ୍ରଦେଶର ଜଣେ ବ୍ୟକ୍ତି କେମିତି ଅଟୋକୁ ବ୍ୟାଟେରିଚାଳିତ ଆମ୍ବୁଲାନ୍ସରେ ପରିଣତକରି ରୋଗୀସେବାରେ ତାହାକୁ ଲଗାଉଛନ୍ତି। ରାଧିକା ନିଜ ଅଞ୍ଚଳ ପାଇଁ ସେମିତି କିଛି କରିବାକୁ ମନେ ମନେ ଚିନ୍ତା କରି ଉକ୍ତ ବ୍ୟକ୍ତିଙ୍କ ସହ ଫୋନ୍‌ରେ ଯୋଗାଯୋଗ କଲେ। ନିଜ ଅଞ୍ଚଳର କିଛି ଫଟୋ, ରାସ୍ତାଘାଟର ଫଟୋ ଉଠାଇ ଗୋଟିଏ ଅଟୋ ଆମ୍ବୁଲାନ୍ସ ନିଜ ଅଞ୍ଚଳ ପାଇଁ ତିଆରି କରିବାକୁ ସେ ଉକ୍ତ ବ୍ୟକ୍ତିଙ୍କୁ ଅନୁରୋଧକଲେ। ଏଥିପାଇଁ ପ୍ରାୟ ୪ ଲକ୍ଷ ଟଙ୍କାର ଆବଶ୍ୟକ ହେଲା। ରାଧିକା ନିଜ ଜମାପୁଞ୍ଜିକୁ ଲଗାଇ ଗୋଟିଏ ଅଟୋ ଆମ୍ବୁଲାନ୍ସ କିଣିବାରେ ସକ୍ଷମ ହୋଇଗଲେ। ଆଉ ସେହି ଅଟୋ ବି ଲୋକଙ୍କର ଭଲ କାମରେ ଆସିଲା। ପରେ ପରେ ନିଜ ଗ୍ରାହକ ତଥା ସ୍ଥାନୀୟ ଅଞ୍ଚଳର କେତେଜଣ ବଦାନ୍ୟ ବ୍ୟକ୍ତି, କେତେକ ଅନୁଷ୍ଠାନକୁ ଉକ୍ତ ଅଟୋ ଆମ୍ବୁଲାନ୍ସ ଭିତରେ ଥିବା ସେଫ୍ଟି ବେଲ୍ଟ ବନ୍ଧା ଷ୍ଟ୍ରେଚର, ଅକ୍ସିଜେନ୍ ସିଲିଣ୍ଡର, ଆଟେଣ୍ଡାଣ୍ଟ ବସିବା ପାଇଁ ସିଟ୍ ତଥା ଅନ୍ୟାନ୍ୟ ପ୍ରାଥମିକ ଚିକିତ୍ସା ଉପକରଣ ଆଦିର ଭିଡିଓକରି ପଠାଇଲେ ଏବଂ ଆର୍ଥିକ ସାହାଯ୍ୟ ପାଇଁ ଅନୁରୋଧକଲେ। ସମସ୍ତଙ୍କ ସହଯୋଗରେ କିଛି ମୋଟା ଅଙ୍କର ପୁଞ୍ଜି ଜମା ହେଲା, ଯେଉଁଥିରେ ପରବର୍ତ୍ତୀ ସମୟରେ ୬ଟି ଅଟୋ ଆମ୍ବୁଲାନ୍ସ ଉକ୍ତ ଅଞ୍ଚଳ ପାଇଁ କିଣା ହୋଇ ଆସିଲା। ସେବେଠାରୁ ଏହି ଅଟୋ ଆମ୍ବୁଲାନ୍ସ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ କାମ କରିଚାଲିଛି। ଆଉ ରାଧିକାଙ୍କର ଉକ୍ତ ପ୍ରୟାସକୁ ସମସ୍ତେ ପ୍ରଶଂସା କରିଚାଲିଛନ୍ତି।

**ସ୍ୱାମୀଙ୍କ ସ୍ମୃତିରେ ସ୍ତ୍ରୀ ଖୋଲିଲେ ମାଗଣା ଆମ୍ବୁଲାନ୍ସ ସେବା:** ଗୁଜରାଟ ରାଜକୋଟର **ସଙ୍ଗୀତା ହରେଶ ଶାହା**। ସ୍ୱାମୀ ହରେଶ ଶାହାଙ୍କୁ ନେଇ ତାଙ୍କର ଥିଲା ଏକ ହସଖୁସିର ସଂସାର। କିନ୍ତୁ ହଠାତ୍ ତାଙ୍କ ସୁଖରେ କାହାର ଯେମିତି ନଜର ଲାଗିଗଲା। ୨୦୨୧ କରୋନା ମହାମାରୀରେ ତାଙ୍କ ସ୍ୱାମୀଙ୍କର ଅକାଳ ବିୟୋଗହେଲା। ତାଙ୍କ ସ୍ୱାମୀ ରାଜକୋଟର କୌଣସି ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସ୍ୱାମୀଙ୍କ ଦେହାନ୍ତ ପରେ ତାଙ୍କ ଜମାପୁଞ୍ଜି ହିଁ ଥିଲା ସଙ୍ଗୀତାଙ୍କ ଚଳିବା ପାଇଁ ଏକମାତ୍ର ସାହାରା। ହେଲେ ସବୁ ଟଙ୍କା ନିଜ ପାଇଁ ନ ରଖି ସଙ୍ଗୀତା ତାକୁ ଦୁଇଭାଗ କରିଦେଲେ। ଗୋଟେ ଭାଗ ନିଜ ଚଳିବା ପାଇଁ ରଖିଲେ ଏବଂ ଆଉ ଗୋଟେ ଭାଗର ଟଙ୍କାକୁ ଜନକଲ୍ୟାଣ ନିମନ୍ତେ ବିନିଯୋଗ କରିବାକୁ ଚିନ୍ତାକରି ସେ ଏକ କାର୍ କିଣିଲେ। ଆଉ ତାକୁ ଆମ୍ବୁଲାନ୍ସର ରୂପ ଦେଲେ। କାରଣ କୋଭିଡ୍ ସମୟରେ ଆମ୍ବୁଲାନ୍ସ ପାଇଁ ଲୋକେ କେମିତି ତହଳବିକଳ ହେଉଥିଲେ ସେ ଅନୁଭବ କରିଥିଲେ। ଅଭାବ ଯୋଗୁ କେତେଜଣ ରୋଗୀ ଆମ୍ବୁଲାନ୍ସ ନ ପାଇ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚି ନ ପାରି ମରିଯିବା ବି ସେ ଦେଖିଥିଲେ। ତେଣୁ ସେ ଗରିବ, ଅସହାୟ ଲୋକଙ୍କୁ ମାଗଣା ଆମ୍ବୁଲାନ୍ସ ଯୋଗାଇଦେବାକୁ ଏହି ଉପାୟଟି ଚିନ୍ତାକଲେ। ତାଙ୍କର ଏହି ମାଗଣା ଆମ୍ବୁଲାନ୍ସ ସେବାକୁ କେବଳ ଗରିବ ଲୋକ ବ୍ୟବହାର କରୁଥିଲେ ତାହା ନୁହେଁ, ଆବଶ୍ୟକ ପଡ଼ିଲେ ଆର୍ଥିକଭାବେ ସ୍ୱଚ୍ଛଳ ଥିବା ଲୋକ ବି ନିଜର ଅସୁସ୍ଥ ଲୋକଙ୍କୁ ତେଲ ଓ ଡ୍ରାଇଭର ଖର୍ଚ୍ଚ ଦେଇ ଏହି ଆମ୍ବୁଲାନ୍ସ କାର୍‌ରେ ନେବା ଆଣିବା କରିବାକୁ ଲାଗିଲେ। ସଙ୍ଗୀତାଙ୍କର ଏହି ଆମ୍ବୁଲାନ୍ସ କାର୍‌ଟି ପ୍ରତିଦିନ ରାଜକୋଟର ସିଭିଲ୍ ହସ୍ପିଟାଲ ବାହାରେ ଠିଆ ହୋଇଥାଏ। ଆଉ ଆବଶ୍ୟକ ପଡ଼ିଲେ ଏହା ଗରିବ, ଅସହାୟ ରୋଗୀଙ୍କର ଖୁବ୍ କାମରେ ଆସେ, ସେ ପୁଣି ସମ୍ପୂର୍ଣ୍ଣ ମାଗଣାରେ। ଏହି ଆମ୍ବୁଲାନ୍ସରେ ସଙ୍ଗୀତା ତାଙ୍କ ଦିବଙ୍ଗତ ସ୍ୱାମୀଙ୍କର ଏକ ଫଟୋ ବି ଲଗାଇଛନ୍ତି। ସ୍ୱାମୀଙ୍କ ପଇସାର ସୁବିନିଯୋଗ ହୋଇଥିବାରୁ ସେ ଖୁବ୍ ଆତ୍ମସନ୍ତୋଷ ଲଭିଥାନ୍ତି। ମାଗଣା ଆମ୍ବୁଲାନ୍ସ ସେବା ବ୍ୟତୀତ ସଙ୍ଗୀତା ଗରିବ, ଅନାଥ ପିଲାଙ୍କୁ ବେଳେବେଳେ ଖାଦ୍ୟ ଓ ପୋଷାକ ବି ଦାନ କରିଥାନ୍ତି। ଆଗକୁ ଆଉ ଏକ ଆମ୍ବୁଲାନ୍ସ କାର୍ କିଣିବାର ତାଙ୍କର ଯୋଜନା ରହିଛି।

**ରୋଗୀଙ୍କୁ ମାଗଣା ଆମ୍ବୁଲାନ୍ସ, ଖାଦ୍ୟ, ରକ୍ତ ଯୋଗାଉଥିବା ବ୍ୟକ୍ତି:** ଶିମ୍‌ଲାର **ସରବଜିତ୍ ସିଂ** ; ଯିଏକି ସ୍ଥାନୀୟ ଅଞ୍ଚଳରେ ବବି ନାମରେ ବେଶ୍ ପରିଚିତ। ପେସାରେ ସେ ଜଣେ ଜୋତା ବ୍ୟବସାୟୀ। ଶିମ୍‌ଲା ବଜାରରେ ତାଙ୍କର ଏକ ଜୋତା ଦୋକାନ ରହିଛି। ସରବଜିତ୍ ଖୁବ୍ ପରୋପକାରୀ। ଜୋତା ଦୋକାନରୁ ଯାହାବି ରୋଜଗାର ହୁଏ, ତା'ର ଅର୍ଦ୍ଧାଧିକ ଭାଗ ସେ ରୋଗୀ ସେବାରେ ଲଗାଇଦିଅନ୍ତି। ଗରିବ, ଅସହାୟ ରୋଗୀଙ୍କୁ ମାଗଣାରେ ରକ୍ତ ଦେବାଠୁ ଆରମ୍ଭକରି ସେମାନଙ୍କର ଔଷଧପତ୍ର, ଖାଇବା କଥା ବି ସରବଜିତ୍ ବୁଝିଥାନ୍ତି। ନିଜ ଖର୍ଚ୍ଚରେ ମଝିରେ ମଝିରେ ସେ ବ୍ଲଡ୍ କ୍ୟାମ୍ପର ବି ଆୟୋଜନ କରିଥାନ୍ତି। 'ଅଲମାଇଟି ବ୍ଲେସିଙ୍ଗ୍ସ' ନାମରେ ଏକ ସଂସ୍ଥା ବି ସେ ଗଢ଼ିଛନ୍ତି। ଏହି

→






ରାଧିକା ଶାସ୍ତ୍ରୀ





ସରବଜିତ୍ ସିଂ





ମନୋଜ ପଟେଲ

ସଂସ୍ଥା ତରଫରୁ ଶିମ୍ଲା ସହରର ଭିନ୍ନ ଭିନ୍ନ ୪ଟି ଜାଗାରେ ୪ଟି କ୍ୟାଣ୍ଟିନ୍ ଚାଲୁ ରହିଛି ; ଯାହା ରୋଗୀ ଏବଂ ସେମାନଙ୍କର ସମ୍ପର୍କୀୟଙ୍କୁ ମାଗଣାରେ ଖାଦ୍ୟ ପ୍ରଦାନ କରିଥାଏ । ବିଶେଷକରି ଶିମ୍ଲା କ୍ୟାନ୍ସର ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନଙ୍କୁ ଏହି କ୍ୟାଣ୍ଟିନରେ ବେଶି ପ୍ରାଧାନ୍ୟ ଦିଆଯାଇଥାଏ । ଏସବୁ ବ୍ୟତୀତ ସରବଜିତ୍‌ଙ୍କର ଗାଡ଼ି ଚଲେଇବା ସଉକ ମଧ୍ୟ ରହିଛି । କିନ୍ତୁ ନିଜ ଖୁସି ପାଇଁ କୁଆଡ଼େ ବୁଲିଯିବା ପାଇଁ ସେ ଗାଡ଼ି ଚଳାନ୍ତି ନାହିଁ ବରଂ ନିଜର ଏକ ଗାଡ଼ିକୁ ସେ ଶବବାହକ ଏବଂ ଆଉ ଏକ ଗାଡ଼ିକୁ ଆମ୍ବୁଲାନ୍ସ ଭାବେ ସରବଜିତ୍ ବ୍ୟବହାର କରିଥାନ୍ତି । ଏହି ଗାଡ଼ି ଦୁଇଟି ମୁଖ୍ୟତଃ ଶିମ୍ଲା କ୍ୟାନ୍ସର ହସ୍ପିଟାଲର ରୋଗୀଙ୍କ ପାଇଁ ବ୍ୟବହାର ହୋଇଥାଏ, ସେ ପୁଣି ସମ୍ପୂର୍ଣ୍ଣ ମାଗଣାରେ । ସବରଜିତ୍ ଖବର ପାଇବା ମାତ୍ରେ ନିଜେ ଗାଡ଼ି ଚଲେଇ ରୋଗୀ ପାଖରେ ହାଜର ହୋଇଯାନ୍ତି । ରୋଗୀଙ୍କୁ ଡାକ୍ତରଖାନା ଆଣନ୍ତି, ତାଙ୍କର ଚିକିତ୍ସା କରାନ୍ତି, ଔଷଧ ଆଦି ଯାହା ଆବଶ୍ୟକ ହୁଏ ସବୁକିଛି କିଣି ପୁଣି ରୋଗୀକୁ ନେଇ ତାଙ୍କ ଘରେ ଛାଡ଼ି ଦିଅନ୍ତି । ଯଦି କୌଣସି ଗରିବ ରୋଗୀ ଅବା ଅସହାୟ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଯାଏ, ସେ କ୍ଷେତ୍ରରେ ବି ନିଜର ଶବବାହକ ଗାଡ଼ିରେ ମୃତବ୍ୟକ୍ତି ଏବଂ ତାଙ୍କ ପରିଜନଙ୍କୁ ନେଇ ଶ୍ମଶାନ ନିକଟରେ ପହଞ୍ଚାଇ ଦିଅନ୍ତି, ସେ ବି ମାଗଣାରେ । ସେଥିପାଇଁ ତ ସ୍ଥାନୀୟ ଅଞ୍ଚଳରେ ସରବଜିତ୍‌ଙ୍କୁ 'ଗରିବଙ୍କ ସାଥୀ' ବୋଲି କୁହାଯାଇଥାଏ ।


**ମାଗଣା ଆମ୍ବୁଲାନ୍ସ ସେବା ଯୋଗାଇ ଦେଉଛନ୍ତି ଜଣେ ଚାଷୀ:** ମଧ୍ୟପ୍ରଦେଶର **ମନୋଜ ପଟେଲ** । ପେସାରେ ସେ ଜଣେ ଚାଷୀ । ହେଲେ ଅସହାୟଙ୍କୁ ସହାୟତା ପ୍ରଦାନ କରିବା, ଭୋକିଲା ପେଟକୁ ଦାନା ଦେବା, ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା, ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ଡାକ୍ତରଖାନା ନେଇ ଚିକିତ୍ସା କରାଇବା, ଅନାଥ ପିଲାଙ୍କୁ କୋଳେଇ ନେଇ ସେମାନଙ୍କର ସ୍ଥାୟୀ ବ୍ୟବସ୍ଥା କରାଇବା ଆଦି କାମରେ ତାଙ୍କର ଅଧିକାଂଶ ସମୟ ବିତିଯାଏ । ଏପରିକି ଏଇ କିଛିଦିନ ତଳେ ସେ ନିଜର ଏକ ଗାଡ଼ିକୁ ଆମ୍ବୁଲାନ୍ସର ରୂପ ଦେଇ ଅସହାୟ ଗରିବ ଲୋକଙ୍କୁ ମାଗଣାରେ ଡାକ୍ତରଖାନାରେ ପହଞ୍ଚାଇବାର ନୂଆ ଏକ ପ୍ରୟାସ ଆରମ୍ଭ କରିଛନ୍ତି । ମନୋଜଙ୍କର ଏହି ପରୋପକାରୀ ଗୁଣ ପିଲାଟିବେଳୁ ରହିଆସିଛି । ସ୍କୁଲରେ ପଢୁଥିବା ସମୟରେ ଜଣେ ପିଲାର ମୁଣ୍ଡ ଫାଟିଯିବାରୁ ତାକୁ ନିଜେ କାନ୍ଧେଇ ଡାକ୍ତରଖାନାକୁ ନେଇଯାଇଥିଲେ ମନୋଜ । ସେମିତି ଆଉ ଥରେ ସଡ଼କ ଦୁର୍ଘଟଣାରେ ଗଭୀର ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ତୁରନ୍ତ ନେଇ ଡାକ୍ତରଖାନାରେ ପହଞ୍ଚାଇଲାବେଳେ ଡାକ୍ତର ତାଙ୍କୁ ଧନ୍ୟବାଦ ଦେଇ କହିଥିଲେ, ''ଯଦି ଆଉ ଟିକେ ଡେରି ହୋଇଯାଇଥାନ୍ତା, ତା'ହେଲେ ବ୍ୟକ୍ତିଙ୍କୁ ବଞ୍ଚାଇବା କଷ୍ଟକର ହୋଇଯାଇଥାନ୍ତା । ସମୟ ପୂର୍ବରୁ ଆଣିଥିବାରୁ ତୁମକୁ ଅଶେଷ ଧନ୍ୟବାଦ ।'' ଡାକ୍ତରଙ୍କର ଏହି କଥା ପଦକ ମନୋଜଙ୍କ ମନକୁ ବେଶ୍ ଛୁଇଁଥିଲା । ସେହିଦିନଠୁ ସେ ପଣ କରିଥିଲେ ଯେ ଯେବେ ବି କାହାର କିଛି ଅସୁବିଧା ହୁଏ ତା'ହେଲେ ସେ ତାକୁ ନିଜ ସାଧ୍ୟମତେ ନିଶ୍ଚୟ ସାହାଯ୍ୟ କରିବେ । ଜଣେ ଚାଷୀ ପରିବାରର ପୁଅ ହେଲେ ବି ତାଙ୍କ ଦ୍ୱାରା ଯେତିକି ବି ସମ୍ଭବ ହୁଏ ସେ ଅସହାୟ ଲୋକଙ୍କୁ ସାହାଯ୍ୟ କରନ୍ତି । ସେ କେତେଜଣ ସାଙ୍ଗସାଥୀ, ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଏକ ସ୍ୱେଚ୍ଛାସେବୀ ସଂଗଠନ ବି ଗଢ଼ିଛନ୍ତି । ଏହି ସଂଗଠନ ମୁଖ୍ୟତଃ ଦିବ୍ୟାଙ୍ଗ ଲୋକଙ୍କ ପାଇଁ କାର୍ଯ୍ୟ କରିଥାଏ । କେବଳ ସେତିକି ନୁହେଁ , ମନୋଜଙ୍କ ପ୍ରୟାସରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ମାଗଣା ହେଲ୍‌ଥ କ୍ୟାମ୍ପ, ବ୍ଲଡ୍ ଡୋନେଶନ କ୍ୟାମ୍ପ ଆଦି ବି ଆୟୋଜିତ ହୋଇଥାଏ । ମନୋଜଙ୍କ ଏଭଳି କାର୍ଯ୍ୟ ପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କୃତ କରାଯିବା ସହ ଭୂୟସୀ ପ୍ରଶଂସା ବି ମିଳିଛି ।

**ବାଇକ୍‌କୁ ମିନି ଆମ୍ବୁଲାନ୍ସର ରୂପ ଦେଇଥିବା ବ୍ୟକ୍ତି:** ବନାରସର **ଅମନ ଯାଦବ** । ବୟସ ତାଙ୍କୁ ବେଶି ନ ହେଲେ ବି ତାଙ୍କର ନିଃସ୍ୱାର୍ଥପର କାମ ଓ ପରୋପକାରୀ ଗୁଣ ଯୋଗୁ ସେ ସମସ୍ତଙ୍କ ନଜରରେ ଖୁବ୍ ବଡ଼ ହୋଇ ଯାଇଛନ୍ତି । ଅମନଙ୍କ ବାପାଙ୍କର କ୍ୟାନ୍ସରରେ ମୃତ୍ୟୁ ହୋଇସାରିଛି । ବାପଛେଉଣ୍ଡ ପିଲାଟିର ଦୁଃଖ କ'ଣ କେବଳ ଅନୁଭବୀ ହିଁ ଜାଣିପାରେ । ପରିବାରର ଦାୟିତ୍ୱ ସାଙ୍ଗକୁ ମା' ଆଖିରେ ଖୁସିଦେବା ପାଇଁ ସେ ସବୁବେଳେ ତତ୍ପର ଥାନ୍ତି । ତା'ସହ ଅସୁବିଧାରେ ପଡ଼ିଥିବା ଯେକୌଣସି ବ୍ୟକ୍ତିଙ୍କୁ ବି ସାହାଯ୍ୟ କରିବାକୁ ସେ ଆଦୌ କୁଣ୍ଠାବୋଧ କରନ୍ତିନାହିଁ । ଅମନଙ୍କ ଭିତରେ ଏହି ପରୋପକାରୀ ଗୁଣ ଏକ ଘଟଣାକ୍ରମରେ ଆରମ୍ଭ ହୋଇଥିଲା । ଥରେ ଅମନ ତାଙ୍କ ଘର ନିକଟସ୍ଥ ଏକ ସରକାରୀ ଡାକ୍ତରଖାନାକୁ କୌଣସି କାମରେ ଯାଇଥାନ୍ତି । ଡାକ୍ତରଖାନାର ପିଣ୍ଡାରେ ଜଣେ ଅସହାୟ ବୃଦ୍ଧାଙ୍କୁ ବେହୋସ ହୋଇ ପଡ଼ିଥିବାର ଦେଖି ତାଙ୍କ ମନ ବିଚଳିତ ହୋଇ ଉଠିଲା । ସବୁଠୁ ଆଶ୍ଚର୍ଯ୍ୟର ବିଷୟ ଥିଲା, ଡାକ୍ତରଖାନାକୁ ଏତେ ଲୋକ ଯା'ଆସ କରୁଥିଲେ ବି କେହି ଜଣେ ମଧ୍ୟ ସେହି ବୃଦ୍ଧାଙ୍କ ପାଖକୁ ଯାଉ ନ ଥିଲେ କି ଉଠାଉ ନ ଥିଲେ । ଅମନ ବିଳମ୍ବ ନ କରି ଡାକ୍ତରଙ୍କୁ ଡାକି ତା'ର ଚିକିତ୍ସାରେ ଲାଗିଗଲେ । ତା'ରି ଭିତରେ ଅମନଙ୍କୁ କେହି ଜଣେ କହିଲେ, ଉକ୍ତ ବୃଦ୍ଧାଙ୍କର ୫ଟି ପୁଅ ଅଛନ୍ତି । ଗୋଟେ ପୁଅର ଫୋନ୍ ନମ୍ବର ବି ଦେଲେ । କିନ୍ତୁ ଅମନ ଫୋନ୍ କରିବାରୁ ସେମାନେ ବୃଦ୍ଧାଙ୍କୁ ଚିହ୍ନ ନ ଥିବା କହିଲେ । ଦୁର୍ଭାଗ୍ୟକୁ ଉକ୍ତ ବୃଦ୍ଧାଙ୍କର ଚିକିତ୍ସା ଅବସ୍ଥାରେ ହିଁ ମୃତ୍ୟୁ ହୋଇଗଲା । ପରେ ତାଙ୍କର ପୋଷ୍ଟମର୍ଟମ ବି ହେଲା । କିନ୍ତୁ ଆଶ୍ଚର୍ଯ୍ୟ ପୋଷ୍ଟମର୍ଟମ ପରେ ଡାକ୍ତରଖାନାକୁ ୫ଜଣ ଯାକ ପୁଅ ଆସି ବୃଦ୍ଧା ହାତରେ ଥିବା ମୁଦି ଏବଂ ବେକରେ ପଡ଼ିଥିବା ଚେନ୍ ନେବାକୁ ପରସ୍ପର ଭିତରେ ଟଣାଓଟରା ହେବାକୁ ଲାଗିଲେ । ଅମନ ଏସବୁ ଘଟଣାକୁ ଦେଖି ଖୁବ୍ ଆଶ୍ଚର୍ଯ୍ୟ ହେଉଥିଲେ ଆଉ ମନେ ମନେ ଭାବୁଥିଲେ ସତରେ କ'ଣ କେଉଁ ମଣିଷ ଏତେ ସ୍ୱାର୍ଥପର ହୋଇପାରେ । ବାସ୍ , ସେହି କ୍ଷଣି ହିଁ ସେ ନିଷ୍ପତ୍ତି ନେଲେ ଯେ, ତାଙ୍କ ନଜରକୁ ଯେଉଁଠି ବି କେହି ଗରିବ, ଅସହାୟ, ଦୁଃଖୀ ଲୋକଟିଏ ଆସିବ, ତାକୁ ସେ ନିଜ ସାଧ୍ୟମତେ ନିଶ୍ଚୟ ସାହାଯ୍ୟ କରିବେ । ୨୦୧୩ରେ ସେ ଚାଲି ଚାଲି ବିଭିନ୍ନ ସ୍ଥାନକୁ ଯାଇ ଅସହାୟ ଲୋକଙ୍କୁ ସାହାଯ୍ୟ କରୁଥିଲେ । କେହି ଭୋକରେ ଥିଲେ ତାକୁ ଖାଇବାକୁ ଦେଉଥିଲେ, କାହାର ଖଣ୍ଡିଆଖାବରା ହୋଇଥିଲେ ତାକୁ ମଲମ ଲଗାଇ ବ୍ୟାଣ୍ଡେଜ୍ କରି ଦେଉଥିଲେ, କାହାର ରକ୍ତ ଆବଶ୍ୟକ ଥିଲେ ତା' ପାଇଁ ରକ୍ତ ଯୋଗାଡ଼କରି ଦେଉଥିଲେ ଇତ୍ୟାଦି । ଧୀରେ ଧୀରେ ତାଙ୍କର ଏଭଳି କାର୍ଯ୍ୟ ସମ୍ପର୍କରେ ଲୋକେ ଜାଣିବାକୁ ଲାଗିଲେ ; ଯଦ୍ୱାରା କେଉଁଠି କାହାର କିଛି ଅସୁବିଧା ହେଲେ ଲୋକେ ଫୋନ୍‌କରି ତାଙ୍କୁ ଡାକୁଥିଲେ । ଏମିତିରେ ୨୦୧୫ରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟବସାୟୀ ଅମନଙ୍କୁ ଏହି କାମରେ ଟିକେ ସାହାଯ୍ୟ କରିବାକୁ ତାଙ୍କୁ ଏକ ସେକେଣ୍ଡ ହ୍ୟାଣ୍ଡ ବାଇକ୍ ଦେଲେ ; ଯାହାକୁ ଅମନ ମିନି ଆମ୍ବୁଲାନ୍ସରେ ପରିଣତ କରିଦେଲେ । ଅର୍ଥାତ୍ ସେହି ବାଇକ୍‌ରେ ପ୍ରାଥମିକ ଚିକିତ୍ସା ପାଇଁ ଯାହା ଆବଶ୍ୟକ ମଲମ, ପଟି, ବ୍ୟାଣ୍ଡେଜ୍, ତୁଳା, ଡେଟଲ



ସଙ୍ଗୀତା ହରେଶ ଶାହା








ଅମନ ଯାଦବ

ଆଦି ସେ ନିହାତି ରଖୁଥିଲେ । ତା'ସହ ପଇସା ଅଭାବରୁ ଯେଉଁ ଗରିବ ଲୋକ ଡାକ୍ତରଖାନା ଯାଇପାରୁ ନ ଥିଲେ ଅମନ ତାଙ୍କୁ ଏହି ବାଇକ୍‌ରେ ବସାଇ ଡାକ୍ତରଖାନା ନେବା ସହ ତାଙ୍କ ପାଇଁ ଔଷଧ ଆଦି କିଣି ଦେଉଥିଲେ । ଏଥିପାଇଁ ସ୍ଥାନୀୟ ଅଞ୍ଚଳର କେତେଜଣ ବଦାନ୍ୟ ବ୍ୟକ୍ତି ତାଙ୍କୁ କିଛି ଆର୍ଥିକ ସହାୟତା ବି କରୁଥିଲେ । ଅମନ ନିଜେ ମଧ୍ୟ କାମ କରି ଯାହା ରୋଜଗାର କରୁଥିଲେ ତାକୁ ବି ଲୋକଙ୍କ ସେବାରେ ଖର୍ଚ୍ଚ କରିଦେଉଥିଲେ । କରୋନା ମହାମାରୀ ସମୟରେ ଯେଉଁଠି ନିଜ ଲୋକମାନେ ରୋଗୀଙ୍କଠାରୁ ଦୂରେଇ ରହୁଥିଲେ, ସେ କ୍ଷେତ୍ରରେ ସାହାଯ୍ୟ କରିବାକୁ ଅମନ ରୋଗୀଙ୍କ ପାଖରେ ପହଞ୍ଚି ଯାଉଥିଲେ । ଏଭଳି କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ତାଙ୍କୁ ଭଲ ପାଇବା ସହ ବିଭିନ୍ନ ଅନୁଷ୍ଠାନ ତରଫରୁ ବି ଅମନଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ ।

**ନିଜ ଗାଡ଼ିକୁ ଆମ୍ବୁଲାନ୍ସ ଓ କ୍ଲିନିକ୍‌ର ରୂପ ଦେଇଥିବା ଡାକ୍ତର:**

ବେଙ୍ଗାଲୁରୁର ମଲ୍ଲେଶ୍ୱରମ୍‌ରେ ରହୁଥିବା **ସୁନୀଲ କୁମାର ହେବ୍ବୀ** ପେସାରେ ଜଣେ ଡାକ୍ତର । ପିଲାଟି ଦିନରୁ ଅଭାବ ଅନଟନରେ ବଢ଼ି ଖୁବ୍ ପରିଶ୍ରମକରି ସେ ଡାକ୍ତର ହୋଇଛନ୍ତି । ତାଙ୍କର ଡାକ୍ତରୀ ପଢ଼ା ପାଇଁ ଘରଲୋକଙ୍କୁ କରଜ ବି କରିବାକୁ ପଡ଼ିଛି । ସମସ୍ତଙ୍କର ଆଶା ଥିଲା ସୁନୀଲ ଡାକ୍ତର ହୋଇ ଭଲ ଦୁଇପଇସା ରୋଜଗାର କଲେ ପରିବାରର ଦୁଃଖ ଯିବ । ସେୟା ବି ହେଲା । ସୁନୀଲ ସ୍ଥାନୀୟ ଏକ ବେସରକାରୀ ଡାକ୍ତରଖାନାରେ ଡାକ୍ତର ଭାବେ ଯୋଗଦେଲେ । ଘରେ ସମସ୍ତେ ଖୁସି ଥିଲେ । ହେଲେ ଦିନେ ଏମିତି ଏକ ଘଟଣା ଘଟିଲା, ଯାହା ସୁନୀଲଙ୍କ ଜୀବନର ଗତିପଥକୁ ଭିନ୍ନ ଏକ ମୋଡ଼ ଦେଲା । ଘଟଣାଟି ଥିଲା ୨୦୧୦ ମସିହାର କଥା । ପ୍ରତିଦିନ ପରି ସେଦିନ ବି ସୁନୀଲ ଘରୁ ଚାକିରି କରୁଥିବା ଡାକ୍ତରଖାନାକୁ କାର୍ ଯୋଗେ ଯାଉଥାନ୍ତି । ହାଠତ୍ ବାଟରେ ଏକ ଦୁର୍ଘଟଣା ହେଲା । ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କ ନିକଟକୁ ସମସ୍ତେ ଦୌଡାଦୌଡ଼ି ହୋଇ ଯାଉଥିଲେ । ସୁନୀଲ ବି ଗଲେ । ଉକ୍ତ ବ୍ୟକ୍ତିଙ୍କ ଶରୀର ଖଣ୍ଡିଆଖାବରା ହୋଇ ରକ୍ତ ବୋହିଯାଉଥାଏ । ସୁନୀଲ ବିଳମ୍ବ ନ କରି କାର୍‌ରେ ଥିବା ପ୍ରାଥମିକ ଚିକିତ୍ସାର କିଟ୍ ଆଣି ତାଙ୍କର ପ୍ରାଥମିକ ଚିକିତ୍ସା କରାଇଦେଲେ । କିନ୍ତୁ ବ୍ୟକ୍ତିଙ୍କର ଅବସ୍ଥା ଟିକେ ସଙ୍କଟାପନ୍ନ ଥିବାରୁ ତାଙ୍କୁ ନିଜ କାର୍‌ରେ ବସାଇ ନିକଟସ୍ଥ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଲେ । ବ୍ୟକ୍ତିଙ୍କ ଅବସ୍ଥାରେ ଟିକେ ସୁଧାର ଆସିବାରୁ ସୁନୀଲ ନିଜ କର୍ମକ୍ଷେତ୍ରକୁ ବାହାରିଗଲେ । କର୍ମବ୍ୟସ୍ତତା ଭିତରେ ସେହି ବ୍ୟକ୍ତିଙ୍କ କଥା ତାଙ୍କର ଆଉ ମନେ ନ ଥିଲା । ୨ଦିନ ପରେ ତାଙ୍କ ପାଖକୁ ଅଜଣା ନମ୍ବରରୁ ଏକ ଫୋନ୍ ଆସିଲା । ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କର ମା' ସୁନୀଲଙ୍କୁ ଧନ୍ୟବାଦ ଦେଇ ତାଙ୍କୁ ତାଙ୍କ ଘରକୁ ଆସିବାକୁ ଅନୁରୋଧକଲେ । ସୁନୀଲ ଯେବେ ଯାଇ ତାଙ୍କ ଘରେ ପହଞ୍ଚିଲେ, ସେମାନଙ୍କର ଘରଦ୍ୱାର, ଆର୍ଥିକାବସ୍ଥା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । ମା' ଜଣଙ୍କ ହାତଯୋଡ଼ି ସୁନୀଲଙ୍କ ପାଖେ ଠିଆହୋଇ କହୁଥିଲେ, ''ତୁମେ ଯଦି ଠିକ୍ ସମୟରେ ମୋ ପୁଅକୁ ଡାକ୍ତରଖାନା ନେଇ ନ ଥାନ୍ତ, ତା'ହେଲେ ସେ ମରିଯାଇଥାନ୍ତା । ଆମ ପାଖେ ସେତିକି ବି ସମ୍ବଳ ନାହିଁ, ଆମେ ତା'ର ଚିକିତ୍ସା କରିପାରିଥାନ୍ତୁ । ତୁମେ ଆମ ପାଇଁ ଦେବତା, ଭଗବାନ ତୁମର ମଙ୍ଗଳ କରନ୍ତୁ ।'' ଏହି ଘଟଣାଟି ସୁନୀଲଙ୍କ ମନରେ ଗଭୀର ପ୍ରଭାବ ପକାଇଲା । ସେ ଚିନ୍ତା କଲେ, ଡାକ୍ତରଖାନାରେ କେବଳ ରୋଗୀ ସେବା କରିବା ଯଥେଷ୍ଟ ନୁହେଁ । ଏମିତି ଅନେକ ଗରିବ, ଅସହାୟ ଲୋକ ବି ଅଛନ୍ତି, ଯେଉଁମାନଙ୍କ ପାଖରେ ଡାକ୍ତରଖାନା ଯିବାକୁ କୌଣସି ସୁବିଧା ନାହିଁ, ଔଷଧ ଟିକେ କିଣିବାକୁ ପାଖରେ ପଇସାଟିଏ ବି ନାହିଁ, ସେମାନଙ୍କ ପାଇଁ ମୋର କିଛି କରିବାର ଅଛି । ଏହା ଭାବି ସେ ତାଙ୍କ କାର୍‌କୁ ଏକ କ୍ଲିନିକ୍‌ର ରୂପ ଦେଲେ । ନିଜ ପଇସାରେ ବିଭିନ୍ନ ଜରୁରୀ ଔଷଧ, ଗ୍ଲୁକୋମିଟର, ଅକ୍ସିଜେନ୍ ସିଲିଣ୍ଡର, ବ୍ଲଡ୍ ପ୍ରେସର ମପା ମେଶିନ୍, ଇସିଜି ମେଶିନ ଆଦି କିଣି ସେଥିରେ ଫିଟିଂ କରିଦେଲେ । ଏହାଦ୍ୱାର ତାଙ୍କ ହସ୍ପିଟାଲ ଯା'ଆସ ରାସ୍ତାରେ କାହାର କିଛି ସ୍ୱାସ୍ଥ୍ୟଗତ ଅସୁବିଧା ହେଲେ ନିଜ କାର୍‌ର କ୍ଲିନିକ୍‌କୁ ଖୋଲି ସୁନୀଲ ସେମାନଙ୍କର ଚିକିତ୍ସା କଲେ, ସେ ପୁଣି ମାଗଣାରେ । ଏପରିକି ତାଙ୍କ ଫୋନ୍ ନମ୍ବର, ହ୍ୱାଟ୍ସଅପ୍ ନମ୍ବର, ଫେସ୍‌ବୁକ୍ ଆଇଡିକୁ ବି ସେ ଏହି କାର୍‌ରେ ପ୍ରିଣ୍ଟ କରିଦେଇଥିଲେ ; ଯଦ୍ଦ୍ୱାରା ଅସୁବିଧାରେ ପଡ଼ି କେହି ତାଙ୍କୁ ଫୋନ୍ କଲେ କି ମେସେଜ୍ କଲେ ସେ ଠିକଣା ବୁଝି ନିଜର ଏହି କାର୍ କ୍ଲିନିକ୍ ବା ମୋବାଇଲ ଡକ୍ଟର କ୍ଲିନିକ୍‌କୁ ଧରି ରୋଗୀଙ୍କ ପାଖରେ ପହଞ୍ଚି ସେମାନଙ୍କର ଚିକିତ୍ସା କରୁଥିଲେ । ପ୍ରତି ଶନିବାର, ରବିବାର ତାଙ୍କର ଛୁଟି ରହୁଥିବା ଯୋଗୁ ସେ ଏହି ୨ ଦିନରେ ଯେତିକି ପାରୁଥିଲେ ସେତିକି ମାଗଣାରେ ରୋଗୀ ସେବା କରୁଥିଲେ । ଡାକ୍ତରଖାନାରେ ରୋଗୀ ଦେଖିବା ଅପେକ୍ଷା ଏମିତି ବୁଲିବୁଲି ଅସହାୟ ଲୋକଙ୍କର ସେବା କରିବା ତାଙ୍କୁ ବେଶି ଆତ୍ମସନ୍ତୋଷ ଦେଉଥିଲା । ତେଣୁ ୨୦୧୧ରେ ଚାକିରି ଛାଡ଼ି 'ମାତୃ ସିରି ଫାଉଣ୍ଡେଶନ ' ନାମରେ ଏକ ବେସରକାରୀ ସଂଗଠନ ଗଢ଼ିଲେ । ଏଥିରେ କିଛି ଭଲ୍ୟୁଣ୍ଟିୟର୍ସ ବି ରହିଲେ ; ଯେଉଁମାନଙ୍କ ଆର୍ଥିକ ସହାୟତାରେ ସୁନୀଲ ଗରିବ ଲୋକଙ୍କର ମାଗଣା ଚିକିତ୍ସା କରିଚାଲିଲେ । ପରେ ପରେ ସୁନୀଲ ଆଉ ଏକ ଗାଡ଼ି କିଣି ସେଥିରେ ମାଗଣା ଆମ୍ବୁଲାନ୍ସ ସେବା ଆରମ୍ଭ କଲେ । କରୋନା ସମୟରେ ମଧ୍ୟ ସୁନୀଲ ଅସହାୟ ଲୋକଙ୍କୁ ଖୁବ୍ ସାହାଯ୍ୟ କରୁଥିଲେ । ଏପରିକି ସେ ସମୟରେ ତାଙ୍କର ଜଣେ ଭାଇ କରୋନାରେ ମୃତ୍ୟୁବରଣ କରିବାରୁ ପରିବାର ଲୋକେ ସୁନୀଲଙ୍କୁ ଘରକୁ ଫେରି ଆସିବାକୁ ବାରମ୍ବାର ବାଧ କରୁଥିଲେ ବି ସେ ରୋଗୀଙ୍କୁ ଛାଡ଼ି ଯାଇ ନ ଥିଲେ । ନିଷ୍ଠାର ସହ ରୋଗୀ ସେବା କରିବାରେ ସେ ନିଜ ଜୀବନକୁ ପୂରା ଉତ୍ସର୍ଗୀକୃତ କରିଦେଇଥିଲେ । ସୁନୀଲଙ୍କର ଏଭଳି ପରୋପକାର କାମ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯିବା ସହ ପୁରସ୍କୃତ ବି କରାଯାଇଛି ।


ସତରେ ଗରିବ, ଅସହାୟ ରୋଗୀଙ୍କ ପାଇଁ ଏମାନଙ୍କ ସାହାଯ୍ୟ ମନୋବୃତ୍ତିକୁ ଦେଖିଲେ ବେଶ୍ ଖୁସି ଲାଗେ । ପରୋପକାର ପାଇଁ ଏମାନଙ୍କଠାରୁ ଅନେକ ପ୍ରେରଣା ମିଳେ । ଅସହାୟଙ୍କ ସାଥୀ ହୋଇ ଏମାନେ ଯେଉଁ ଜନହିତକର କାମ କରୁଛନ୍ତି ତାହା ଏ ସମାଜ ପାଇଁ ଗୋଟେ ଗୋଟେ ଉଦାହରଣ ।

–ଅନ୍ୱିତା ମିଶ୍ର


ସୁନୀଲ କୁମାର ହେବ୍ବୀ



# ମାଟିମୂର୍ତ୍ତି ଦେଖି ଦେଖି ପଥର ଶିଳ୍ପୀ ହେଲି





**ଘ**ରେ ବାପା ଜେଜେବାପା ପଥରରେ ବିଭିନ୍ନ ପ୍ରକାର ବାସନକୁସନ ତିଆରି କରୁଥିଲେ। ହେଲେ ତାଙ୍କର ଇଚ୍ଛା ଥିଲା କେମିତି ପଥର ମୂର୍ତ୍ତି ଗଢିବେ। ସେହି ସମୟରେ ଗାଁର ଜଣେ ଶିଳ୍ପୀ ମାଟି ମୂର୍ତ୍ତି ଗଢୁଥିଲେ। ତାଙ୍କ ପାଖକୁ ଯାଇ ସେ ମାଟିରେ ମୂର୍ତ୍ତି ଗଢ଼ିବା କାମ ଶିଖିଲେ। ସେଇଠୁ ହିଁ ତାଙ୍କର ମୂର୍ତ୍ତି ଗଢିବାର ଆରମ୍ଭ ହୁଏ। ଯାହା ତାଙ୍କୁ ପରବର୍ତ୍ତୀ ସମୟରେ ଜଣେ ବିଶିଷ୍ଟ ପଥର ଶିଳ୍ପୀର ପରିଚୟ ଦିଏ। ସେ ହେଲେ ଶିଳ୍ପୀ **ଗୋଲକ ପାତ୍ର**। ଜନ୍ମ ୧୯୬୬ ମସିହାରେ। ମାତା ରମ୍ଭାମଣି ଓ ପିତା ନରେନ୍ଦ୍ର ପାତ୍ର। ଘର ବାଲେଶ୍ୱର ଜିଲା ସୋର ବ୍ଲକ୍‌ର ମହୁମୁହାଣ ଗ୍ରାମପଞ୍ଚାୟତ ଅଧୀନ ଗୋହିରାପଦାରେ। ସେ କୁହନ୍ତି, ‘ଆମ ଘରର ପିଢ଼ି ପରେ ପିଢ଼ି ଜେଜେ,ବାପାଙ୍କ ସମୟରୁ ପାରମ୍ପରିକ ବୃତ୍ତିଭାବେ ପଥରରେ ନାନା ପ୍ରକାର ବାସନ କୁସନ ଆଦି ଗୃହୋପଯୋଗୀ ଉପକରଣ ତିଆରି କରୁଥିଲେ। ତିଆରି ହୋଇଥିବା ବାସନକୁସନ ଗୁଡ଼ିକୁ ଭାରକରି ଜେଜେ ବୁଲି ବୁଲି ବିଭିନ୍ନ ଗାଁରେ ବିକ୍ରି କରୁଥିଲେ। ପୁଣି ଯେତେବେଳେ ମେଳା ପଡୁଥିଲା ସେଠାରେ ଏହି ପଥର ତିଆରି ସାମଗ୍ରୀ ବିକ୍ରିକରୁଥିଲେ। ସମୟକ୍ରମେ ଏହାର ଚାହିଦା କମିବାରୁ ଧୀରେ ଧୀରେ ଏହି ବାସନକୁସନ ପ୍ରାୟ ବନ୍ଦ ହୋଇଗଲା। ୧୯୮୨ ମସିହା କଥା। ଠିକ୍ ଏହି ସମୟରେ ଗୋହିରାପଦା ହାଇସ୍କୁଲରୁ ମୋର ମାଟ୍ରିକ୍ ପଢ଼ା ସରିଥାଏ। ଚାକିରି ଆଶାରେ ବିଭିନ୍ନ ଜାଗାକୁ ଘୂରି ବୁଲୁଥିଲି। ମାତ୍ର କେଉଁଠି କିଛି ହେଲା ନାହିଁ, ପୁନର୍ବାର ଗାଁକୁ ଫେରିଆସିଲି। ଏହି ସମୟରେ ଗାଁରେ ବ୍ରଜ ଜେନା ମାଟିରେ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ତିଆରି କରୁଥିଲେ। ତାଙ୍କରି ମୂର୍ତ୍ତି ସବୁକୁ ମୁଁ ନିରିଖେଇ ଦେଖୁଥିବା ଦେଖି ସେ ସେ ମୋତେ ଡାକିଥିଲେ। ତାଙ୍କ ପାଖକୁ ଯିବା ପରେ ସେ ମତେ କେମିତି ମୂର୍ତ୍ତି ତିଆରି ହୁଏ, ସେହି ଗଢା ପ୍ରଣାଳୀ ଦେଖାଇଥିଲେ। ତା’ପରେ ୧୯୮୪ମସିହାରୁ ମୁଁ ବିଧିବଦ୍ଧଭାବେ ତାଙ୍କ ପାଖରେ ମୂର୍ତ୍ତି ତିଆରି ଶିଖିଲି। ଗଣେଶପୂଜା, ସରସ୍ୱତୀପୂଜା, ଗଜଲକ୍ଷ୍ମୀ ଓ ଦୁର୍ଗାପୂଜା ସମୟରେ ମୂର୍ତ୍ତି ଗଢ଼ିଲି। ପରେ ଅଧିକ ରୋଜଗାର ଆଶାରେ ଦିଲ୍ଲୀ ପଳାଇଥିଲି। ସେଠାରେ ୧୯୯୪ରୁ୧୯୯୮ ଯାଏ ରହିଲି। ଏହି ସମୟରେ ଦିଲ୍ଲୀର ବିଖ୍ୟାତ ଶିଳ୍ପୀ ସତୀଶ ଗୁଜୁରାଲଙ୍କ ସହ ମୋର ଭେଟ ହେଲା। ତାଙ୍କଠାରୁ ଆଧୁନିକ କଳା କାରିଗରି ଶିଖିଲି। ସେଠାରେ କିଛିବର୍ଷ ରହି ପୁଣି ନିଜ ଗାଁକୁ ଫେରିଆସିଲି ଆଉ ବଉଳ ଗାଡ଼ିଆରେ ମୂର୍ତ୍ତି କାରିଗର କାମ ଶିଖିଲି। ପରେ ସୋରଠାରେ ବି.କେ. ପଥର ଖୋଦେଇ ଶିଳ୍ପ ସମବାୟ ସମିତି ଗଠନ କଲି। ଓଡ଼ିଶା ପଥରଶିଳ୍ପ ଓ ଭାରତ ସରକାରଙ୍କ ଦ୍ୱାରା ବିଭିନ୍ନ ରାଜ୍ୟରେ ହେଉଥିବା ପ୍ରଦର୍ଶନୀରେ ଭାଗନେଇ ପଥରରେ ମୂର୍ତ୍ତି ଗଢ଼ି ନିଜର କଳାକୌଶଳ ପ୍ରଦର୍ଶନ କରି ସୁନାମ ଅର୍ଜନ କଲି। ମୋ ହାତ ତିଆରି ମୂର୍ତ୍ତିଗୁଡ଼ିକ ମାଲେସିଆ, ଥାଇଲାଣ୍ଡ ଅଷ୍ଟ୍ରେଲିଆ,ସିଙ୍ଗାପୁର ଆଦି ବହୁ ଦେଶକୁ ରପ୍ତାନି ହେଲା। ଭଲ ରୋଜଗାର ବି ହେଲା। ଆଜି ପର୍ଯ୍ୟନ୍ତ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ତାଲିମ ଦେଇସାରିଲିଣି। ପଥରରେ ପାରମ୍ପରିକ ପୋଟ୍ରେଟ୍, ମର୍ଡନ ଆର୍ଟ, ଗାର୍ଡେନ ଡେକୋରେଟିଭ ଏବଂ ବିଭିନ୍ନ ବ୍ୟାବହାରିକ ସାମଗ୍ରୀର ବିକାଶ କରାଯାଉଛି। ମୋ ଦୀର୍ଘଦିନର ଅଭିଜ୍ଞତାକୁ ପାଥେୟକରି ଲେଖାଚିତ୍ର ଓ ପାରମ୍ପରିକ କଳାକାରିଗରି ସମ୍ପର୍କରେ ‘୬୪ ଯୋଗିନୀ ଭାରତୀୟ ମୂର୍ତ୍ତି ବିଜ୍ଞାନ’ ନାମକ ଏକ ପୁସ୍ତକ ରଚନା କରିଛି। କାର୍‌ଗିଲ ବିଜୟ , ଏଡ୍‌ସ ସଚେତନତା, ଯୋଗମୁଦ୍ରା, ଗ୍ଲୋବାଲ ୱାର୍ମିଂ, ବେଟି ବଞ୍ଚାଓ, ବେଟି ପଢ଼ାଓ ଆଦି ବିଭିନ୍ନ କାର୍ଯ୍ୟକ୍ରମକୁ ପଥର କାରିଗରି ମାଧ୍ୟମରେ ପ୍ରସ୍ତୁତ କରିଛି।’ ‘ଯେତେବେଳେ ମଜୁରି ଥିଲା ୪୦ଟଙ୍କା। ସେହି ସମୟରୁ ମୂର୍ତ୍ତି କାମ କରିଆସୁଛି। ଏବେ ପ୍ରାୟ ୪୨ବର୍ଷ ହେବ ଏହି ଶିଳ୍ପୀ କାମରେ ସମୟ ବିତାଇ ସାରିଲିଣି । ଏଯାଏ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ପଥର ମୂର୍ତ୍ତି ଗଢ଼ିସାରିଲିଣି । ୧୦ଫୁଟର ଏକ କାଳୀ ଶିବମୂର୍ତ୍ତି ଓ ୧୨ଫୁଟ୍‌ର ଦକ୍ଷ ଦକ୍ଷିଣୀଙ୍କ ମୂର୍ତ୍ତି ତିଆରି କରିଛି। ଏକ ଗଣେଶ ମୂର୍ତ୍ତିକୁ ୬ଲକ୍ଷ ଟଙ୍କାରେ ବିକ୍ରି କରିଥିଲି। ମୋଠୁ ତାଲିମ ପାଇଥିବା ଅନେକ ଛାତ୍ର ଆଜି ଏହି ହସ୍ତଶିଳ୍ପ କାମକରି ପରିବାର ପ୍ରତିପୋଷଣ କରିପାରୁଛନ୍ତି। ଏଥିରୁ ମାସିକ ପ୍ରାୟ ୩୦ରୁ ୪୦ ହଜାର ଟଙ୍କା ରୋଜଗାର ହୋଇପାରୁଛି। ମୋ ପରିବାର କହିଲେ ଆମେ ୫ ଭାଇ। ମୋର ୨ଝିଅ, ଗୋଟିଏ ପୁଅ। ମୋ ସ୍ତ୍ରୀ ମଧ୍ୟ ଜଣେ ଶିଳ୍ପୀ।’ ତାଙ୍କର ଏହି କାରିଗରି ପାଇଁ ସେ ରାଜ୍ୟ ଓ କେନ୍ଦ୍ର ସରକାରୀଙ୍କଠାରୁ ୧୯୯୭ରେ ଡିଜାଇନ୍ ଆୱାର୍ଡ, ୨୦୧୩ ମସିହାରେ ଷ୍ଟେଟ୍ ଆୱାର୍ଡ,୨୦୧୫ରେ ନ୍ୟାଶନାଲ ଆୱାର୍ଡ ଆଦି ଏକାଧିକ ପୁରସ୍କାର ଓ ସମ୍ମାନ ମିଳିଛି। କିନ୍ତୁ ତାଙ୍କ ମତରେ ରାଜ୍ୟରେ ପଥର ଖୋଦେଇ କଳାର କାରିଗରଙ୍କ ପାଇଁ ଅନେକ ସମସ୍ୟା ରହିଛି। ତଥାପି ସେ କାରିଗରି ଓ କାରିଗରଙ୍କୁ ବହୁ ଆଗକୁ ନେବାପାଇଁ ପ୍ରୟାସ ଜାରି ରଖିଛନ୍ତି ।

**—ବନବିହାରୀ ବେହେରା**

ଅଧିକ ରୋଜଗାର ଆଶାରେ ଦିଲ୍ଲୀ ଯାଆନ୍ତି। ସେଠାରେ ତାଙ୍କର ଭେଟ ହୁଏ ବିଖ୍ୟାତ ଶିଳ୍ପୀ ସତୀଶ ଗୁଜୁରାଲଙ୍କ ସହ। ତାଙ୍କଠାରୁ ସେ ଆଧୁନିକ କଳା କାରିଗରି ସମ୍ପର୍କିତ ଜ୍ଞାନ ଆହରଣ କରନ୍ତି। ଯାହାକୁ ସେ ଗାଁକୁ ଫେରି କାମରେ ଲଗାନ୍ତି...











# ନଈ

**-ଦିଲ୍ଲୀପ ବେହେରା**

**ଯେ**ବେଠୁ ନଈ ପାର କଲିଣି
ସେବେଠୁ ପ୍ରତି ମୁହୂର୍ତ୍ତରେ ମୋତେ
ପାର କରିଯାଏ ଗୋଟେ ନଈ।
ନଈ ସେଠି ନ ଥାଏ
ଯେଉଁଠି ସରେ,
ନଥାଏ ବି ସେଠି ଯେଉଁଠୁ ଆରମ୍ଭ
ନଈ ଥାଏ କେଉଁଠି ?
କେହି ଜଣେ କହିଥିଲେ
ଦି'ଥର ପାର କରିହୁଏନି ଗୋଟେ ନଈ।
ହେଲେ ମୋ ଭିତରେ ଏତେ ନାଆ ଏତେ ନଈ,
ଏତେ ବାଙ୍କ, ଏତେ ଗପ
ନଈକୁ ନେଇକି ମୋର ଭୋକ ମରେ ନାହିଁ,
ନଈକୁ ନେଇକି ମୋର ଗପ ସରେ ନାହିଁ ।
ନଈ କେବେ ପ୍ରେମଗପ
କେବେ ଶୋଷ
କେବେ ଦୁଃଖ
କେବେ ପୁଣି ଆଶ୍ୱାସନା
କେବେ ହାହାକାର।
କେବେ ପୁଣି ନଈ ଧୁଏ ପାଦର ଅଳତା
କେବେ ପୋଛେ ମଥାର ସିନ୍ଦୁର।
ନଈ ପାଇଁ
ତଅପୋଇ ବାଟ ହୁଡ଼େ
ନଈ ହୁଡ଼େ ନାହିଁ
ଘରମଣି ବାଟ ଭୁଲେ
ନଈ ଭୁଲେ ନାହିଁ।
କେଉଁଠି ଥାଏ ଏ ନଈ ?
ଜଟାଜୁଟ କମଣ୍ଡଳୁ
ଅବା କାହା ଆଖିର କୋଣରେ !
ସାତଭାଇ ତେରନଈ ଡେଇଁ ଗଲାପରେ
କିଏ ଜାଣେ
ଫେରନ୍ତି ନା ନାହିଁ,
ନଈ କିନ୍ତୁ ଫେରେ।

*-ପ୍ଲଟ୍ ନମ୍ବର:୧୪୨୨/୩୧୫୬
ଲେନ- ୩, ଶ୍ରୀ ସାଇ ବିହାର, ଭୁବନେଶ୍ୱର
ମୋ: ୮୨୪୯୯୮୧୦୨୩*

# ଛତା

**-ସ୍ନିଗ୍ଧା ସାହୁ**

''**ବ**ର୍ଷାଦିନେ ବର୍ଷା ହିଁ ହେବ। କ'ଣ ଦରକାର ଥିଲା ବିନା ଛତାରେ ଘରୁ ବାହାରିକି ଯିବା ! ଯେତେ କହିଲେ ତୁମେ କେଉଁ ମୋତେ ଶୁଣ !''

ପ୍ରିୟମ୍ବଦାଙ୍କ କଥାର ଉତ୍ତର ନ ଦେଇ ମୁଁ ଭିତରକୁ ଚାଲିଗଲି। ଦେହ ମୁଣ୍ଡ ଓଦା ସରସର। ଟାୱେଲଟା ହାତକୁ ବଢ଼େଇ ଦେଇ ପ୍ରିୟମ୍ବଦା କହି ଚାଲିଥିଲେ, ''ଅଜବ ଲୋକ, ଘରେ ତିନି ତିନିଟା ଛତା, ଓଦା ହେବାକୁ କେମିତି ଯାଙ୍କୁ ଭଲ ଲାଗୁଛି କେଜାଣି ! ଥଣ୍ଡା ଦେହ। ସଙ୍ଗେ ସଙ୍ଗେ ମାଡ଼ି ବସିବ ଜ୍ୱର, କାଶ, ଛିଙ୍କ ଯେ ଛାଡୁ ଛାଡୁ ପନ୍ଦର ଦିନ । କେତେ କହିବି ?''

ମୁଁ ପୋଛାପୋଛି ହୋଇ ସୋଫା ଉପରେ ବସିପଡ଼ିଲି। କିନ୍ତୁ ମୋ ମନ ଭିତରଟା ସେମିତି ଓଦା ଜୁଡୁବୁଡୁ ଥିଲା। ବର୍ଷାଦିନ ଆସିଲେ ମୋ ଭିତରେ ଏମିତି କାଳବୈଶାଖୀ ବହେ। ବାରମ୍ବାର ଏମିତି ଝଡ଼ ବତାସ ସୃଷ୍ଟି ହୁଏ। ଦୋହଲିଯାଏ ସ୍ମୃତି।

ବର୍ଷା ଆସିଲେ ଓଳି ପାଣିରେ ତିଆରି ହୋଇଥିବା ପାଣି ଧାରରେ ହାତ ତିଆରି କାଗଜ ଡଙ୍ଗା ଆମେ ସବୁ ଭାଇ ଭଉଣୀ ଭସଉ। ଏମିତି ଏକ ବର୍ଷଣ ମୁଖର ସଞ୍ଜ। ବୋଉ ଓଳି ମୂଳେ ବାପାଙ୍କ ଫେରିବା ବାଟ ଚାହିଁ ବସିଥାଏ। ସାନ ଭଉଣୀ ଦି' ଜଣ ଲଣ୍ଠନ ଲଗେଇ ପାଠ ପଢ଼ିବାକୁ ବସିଥାନ୍ତି। ମୁଣ୍ଡରେ ପକ୍ଷିଆ ଘୋଡ଼େଇ ଅଧା ତିନ୍ତି ଗହୀରି ବିଲରୁ ବାପା ଫେରିଲେ ବୋଉ ଅଲୁଗୁଣିରୁ ଗାମୁଛାଟା ଆଣି ବାପାଙ୍କ ହାତକୁ ବଢ଼େଇ ଦେଇ ଚୁଲି ଲଗେଇବାକୁ ଯାଏ । ଓଦା ଜାଳ, ନିଆଁ କମ୍ ଧୂଆଁ ବେଶି। କୁହୁଳୁଥାଏ ଠିକ୍ ବୋଉ ପରି। ନାଲି ଚା କଂସାଟା ବାପାଙ୍କ ହାତକୁ ବଢ଼େଇ ଦେଇ ବୋଉ କହେ, ''କେତେଥର କହିଲିଣି ନିଜ ପାଇଁ ଛତାଟେ କିଣ। ମୋ କଥା ଶୁଣୁନ। ଦିହପା ହେଲେ କିଏ ପିଠିରେ ପଡ଼ିବ ?''

ବାପା ଚୁପ ରୁହନ୍ତି । ନିଜ ପାଇଁ ଛତା, ଜୋତା କି ଲୁଗାପଟା କିଣିବାକୁ ବାପା ଅମଙ୍ଗ ହୁଅନ୍ତି। ଟିକିଏ ବଡ଼ ହୋଇଯାଇଥିଲି ମୁଁ । ଦୂରରୁ ବାପାଙ୍କ ଅସହାୟତା ଅନୁମାନ କରିପାରୁଥିଲି। ଧୋଇ, ମରୁଡ଼ି ପାଇଁ ଅମଳ ମାନ୍ଦା। କରଜ ଚିନ୍ତା ମୁଣ୍ଡରେ। ବାପାଙ୍କ ଆଖିରୁ ନିଦ ହଜିଯାଏ । ମୁଁ ନିଜକୁ ପ୍ରତିଶ୍ରୁତି ଦେଲି, ବଡ଼ ହେଲେ ଚାକିରି କରିବି, ଛତା ସହ ଛାତ କିଣି ବାପାଙ୍କୁ ଦେବି। ବାପା ବୋଉଙ୍କ ଅଭାବର ଦୁଃଖ ପୋଛି ହୋଇଯିବ ।

ଯା' ଭିତରେ ଅନେକ ବର୍ଷା ଋତୁ ଆସିଛି । ସହରରେ ନିଜ ଆର୍ଥିକ ସ୍ଥିତିକୁ ଦୃଢ଼ କରୁ କରୁ ଭୁଲି ହୋଇଯାଇଛି ପିଲାଦିନର ପ୍ରବଣତା । ବୟସ୍କ ବାପାଙ୍କ ପାଇଁ ଛତା ନୁହେଁ ସହରରେ ସ୍ତ୍ରୀ ପିଲାଙ୍କ ପସନ୍ଦରେ ମୁଁ ଛାତ ପକେଇଲି। ପିଲାଏ ଛତା ନୁହେଁ ରେନ କୋଟ୍ ବ୍ୟବହାର କଲେ। ବାପା ବୋଉ ଦୁହେଁ ସମ୍ଭାଳି ନେଇଥିଲେ ଗାଁର ଦାୟିତ୍ୱ। ବିଲ ବାରି, ପୂଜା, ମେଳଣ ଏପରି କି ଝିଅ ଦୁହିଁଙ୍କ ସାବିତ୍ରୀ, ରଜ, ପୂନେଇଁ ବେଭାର । ଠିକ ସମୟରେ ସହର ଘରକୁ ବାପା ପଠେଇ ଦିଅନ୍ତି ଚାଉଳ, ମୁଗ, ବିରି, ନଡ଼ିଆ, ପଇଡ଼, ସବୁଜ ପନିପରିବା, ବୋଉ କରିଥିବା ପିଠା ।

ଅଫିସରୁ ଫେରି ଚା' ପିଉଛି ଗାଁରୁ ଖବର ପାଇଲି ବାପା ଅସୁସ୍ଥ। ଅଧା ରହିଲା ଚା' ପିଆ । ତରତରରେ ବାହାରି ଆସୁ ଆସୁ ପ୍ରିୟମ୍ବଦା କହିଲେ, କେଡ଼େ ଜୋରରେ ମେଘ ଉଠେଇଛି। କେତେବେଳେ କାଚି ଦେଇପାରେ । ନୂଆ ଛତାଟା ଅଛି ସାଙ୍ଗରେ ଧରିଥାଅ।

ଘରେ ପହଞ୍ଚିଲା ବେଳକୁ ବାପା ଆଉ ନ ଥିଲେ। ଖବର ପାଇଲା ସମୟରୁ ମୋ ମନକୁ ପାପ ଛୁଉଁଥିଲା । ମାଟି କାନ୍ଥରେ ଝୁଲୁଥିବା ସେ ଖଣ୍ଡିଆ ପକ୍ଷିଆ ତଳକୁ କାଠ ହୋଇ ବସିଥିଲା ବୋଉ । ମୋତେ ଦେଖି ବର୍ଷିଗଲା ଲୁହରେ । ଅଗଣାରେ ଶୋଇ ରହିଥିଲେ ବାପା । ମୁହଁରେ ଯନ୍ତ୍ରଣାର ଚିହ୍ନ । ହୃଦ୍‌ଘାତରେ ଚାଲି ଯାଇଥିଲେ ।

ବାପାଙ୍କ ଶୁଦ୍ଧି କ୍ରିୟା ଭିତରେ ପ୍ରିୟମ୍ବଦା ଶୁଣେଇ ଦେଇଥିଲେ ଗାଁ ଛାଡ଼ି ସହରରେ ଆମ ପାଖରେ ବୋଉ ରହିଲେ କେତେ ଅସୁବିଧା । ଗାଁ ଘର, ଗୁହାଳର ଆଳ ଦେଖେଇ ବୋଉ ରହିଗଲା ଗାଁରେ । କ୍ୱଚିତ ଫୋନ ଆସେ ତା' ଠାରୁ । କିନ୍ତୁ ବାପାଙ୍କ ଭଳି ଠିକ୍ ସମୟରେ ଗାଁ ବସ୍‌ରେ ପଠେଇ ଦିଏ ଚାଉଳ, ଘିଅ, ଚୁଡ଼ା, ମୁଢ଼ି ଇତ୍ୟାଦି ।


ଆଜି ଫୋନ କରିଥିଲା ଅନେକ ଦିନ ପରେ । ଝଡ଼ି ବର୍ଷାରେ ପାଣି ଗଳୁଛି ଛାତରୁ । ଓଦା ହେଉଛି ଧାନ, ଚାଉଳ । ବୋଉର ଆଶଙ୍କା ସାଇତା ଶସ୍ୟ ଖତ ହେବାକୁ ନେଇ । ମୋ ମନରେ ସନ୍ତସନ୍ତିଆ ଘରେ କେମିତି ରହୁଥିବ ମୋ' ବୋଉ !

''କ'ଣ ସେତେବେଳୁ ଭାବୁଛ ? ଚା ଥଣ୍ଡା ହେଇଗଲାଣି''। ପ୍ରିୟମ୍ବଦା କହୁଥିଲେ।

-''ଗାଁ ଘରୁ ପାଣି ଗଳୁଛି । ଗାଁ ଘର ତିଆରି ହେବ । ଯେମିତି ହେଉ ବୋଉକୁ ମନେଇ ଆମ ପାଖକୁ ଆଣିବାକୁ ପଡ଼ିବ ।'' ଦୃଢ଼ କଣ୍ଠରେ କହିଲି ମୁଁ । ଆଶ୍ଚର୍ଯ୍ୟ ହୋଇ ମୋ' ମୁହଁକୁ ଚାହିଁଥିବା ପ୍ରିୟମ୍ବଦାଙ୍କୁ ମୁଁ ଚାହିଁଲି ବିରକ୍ତ ହୋଇ ।

*-ସିଡିଏ, କଟକ,
ମୋ: ୯୯୩୮୩୧୪୦୨୩*





# ଭାବର ନଦୀ ତୀରେ

**-ସୁଜାତା ମିଶ୍ର**

**ସ୍ୱ**ଚ୍ଛଧାରା ନଦୀ ତଟେ ବସି
ନିରେଖି ଚାହିଁଛି...
ଗୋଧୂଳିଏ ଜୀବନକୁ ତୋଳାରେ ରଖିଛି.. !
ନଦୀ ସାରା ମୋ ତମାମ କର୍ମର
କାଚକେନ୍ଦୁ ଜଳ..
ଚିରନ୍ତନ ପ୍ରତୀକ୍ଷାରେ ଉତ୍କଣ୍ଠିତ ଏ ମନର
ଶ୍ୟାମଳିମ କୂଳ.. !
ପଣତରେ ବାନ୍ଧି.. ସାଇତିଛି
ପାପ ଆଉ ପୁଣ୍ୟର ଗଣ୍ଠିଲି...,
ନଉକାରେ ବସିଛି ଯେ ଅଦୃଶ୍ୟ ନାଉରୀ
ମୋର.. ଭବ-ନଦୀ କରିଦେବ ପାରି !!
ପୁଣ୍ୟତୋୟା ନଦୀ ତୀରେ
ଅନ୍ଧାରୁଆ ଜଙ୍ଗଲରେ
ବାଲୁକା ଶଯ୍ୟାରେ
ଅବା ଅଦୂରର ନଈ-ପଠା ଧାରେ
ରଖିଛି ମୁଁ
ପାଛିଆଏ ଭାବପ୍ରବଣତା....,
ସୌନ୍ଦର୍ଯ୍ୟ-ମୋହିତ ମନର
ପୃଷ୍ଠା ପୃଷ୍ଠା
ଅଲେଖା କବିତା ... !

ମୁଁ ଯିବା ପରେ ଦିନେ କେହି ଯେବେ
ସାଉଁଟିବ ସ୍ମୃତି....,
ଅନାୟାସେ ଖୋଜି ନେବ
ମୋ ଅବର୍ତ୍ତମାନରେ
ଅମୃତରେ ଭିଜା ମୋର
କେତେ ଅନୁଭୂତି... !

*-ଭୁବନେଶ୍ୱର
ମୋ:୯୪୩୭୧୧୭୦୮୪*

# ଚକ୍ରାନ୍ତ ଅନ୍ତରାଳେ...

ଉଚ୍ଚଶିକ୍ଷା ପାଇଁ ଏବେ ପିଲାମାନେ ଘରଠାରୁ ଦୂରରେ ରହୁଛନ୍ତି। ହେଲେ ଅନେକେ ସହରର ଚାକଚକ୍ୟର ମାୟାରେ ପଡି ପଥଭ୍ରଷ୍ଟ ହେଉଛନ୍ତି। ଯେଉଁ ଲକ୍ଷ୍ୟ ନେଇ ଘରୁ ଗୋଡ କାଢ଼ିଥିଲେ ତାହା ପୂରଣ ହୋଇ ପାରୁନି। ଚକ୍ରାନ୍ତର କରାଳ ଚକ୍ରରେ କେତେକଙ୍କର ଭବିଷ୍ୟତ ପେଶି ହୋଇ ମାଟିରେ ମିଶିଯାଉଛି। ଏଭଳି ଏକ ସାମ୍ପ୍ରତିକ ଘଟଣାକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଚକ୍ରାନ୍ତ'। ଏହାର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି ଏବଂ ଆସନ୍ତା ବର୍ଷ ଜାନୁୟାରୀରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଲକ୍ଷେଶ୍ୱର ପ୍ରଡ଼କ୍ସନ ବ୍ୟାନରରେ ଏହାକୁ ନିର୍ମାଣ କରାଯାଇଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ସୌରଭ ପାଢ଼ୀ। ଶୁଭାଶିଷ ଶର୍ମା (ମଣ୍ଟୁ) ଏହାର ନାୟକ ସାଜିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଭୂମିକା ଦାଶ। ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ପିନୁ ନାୟକ। ଦିଶା ପାଢ଼ୀଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଡା. ନିର୍ମଳ ନାୟକ ଏବଂ ଡଃ ରଘୁନାଥ ସାହୁଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଚିତ୍ରତ୍ତୋଳନ କରିଛନ୍ତି ସୁଦର୍ଶନ ସେନାପତି। କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଅମିତ ନାୟକ ଏବଂ କବିର। ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ ପାଢ଼ୀ, ସୁମନ ମହାନ୍ତି, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ତୁଷାର, ଉମାକାନ୍ତ, ନିରଞ୍ଜନ ନିରୁଆ, ପୁଣ୍ୟତୋୟା ମିଶ୍ର ଏବଂ କ୍ରିଷ୍ଣାରାଣୀ ଦାଶ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।


ଶୁଭାଶିଷ-ଭୂମିକା

# ତଥାପି ଖୁସି


ପୂଜା

ପୂଜା ହେଗ୍‌ଡେ ବିଶେଷଭାବରେ ତେଲୁଗୁ ଏବଂ ତାମିଲ ଫିଲ୍ମରେ ଅଭିନୟ ଜାରି ରଖିଛନ୍ତି। ତା' ଭିତରେ ସେ କେତୋଟି ହିନ୍ଦୀ ସିନେମାରେ ମଧ୍ୟ ଅଭିନୟ କରିସାରିଲେଣି। ୨୦୧୬ରେ ତାଙ୍କୁ ପ୍ରଥମେ ଆଶୁତୋଷ ଗୱାରିକର ବଲିଉଡ୍‌ରେ ସୁଯୋଗ ଦେଇଥିଲେ। ଐତିହାସିକ ପୃଷ୍ଠଭୂମି ଉପରେ ନିର୍ମିତ ଏହି ଫିଲ୍ମଟି ଥିଲା 'ମହେଞ୍ଜୋଦାରୋ'। ଏଥିରେ ସେ ହ୍ରିତିକ ରୋଶନଙ୍କ ନାୟିକା ସାଜିଥିଲେ। ଚିତ୍ରଟିର ସଫଳତାକୁ ନେଇ ମଧ୍ୟ ବେଶ୍ ଆଶାବାଦୀ ଥିଲେ ପୂଜା। ହେଲେ ସିନେମାଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ଏହାପରେ 'ହାଉସଫୁଲ ୪', 'ରାଧେଶ୍ୟାମ' ଏବଂ 'କିସି କା ଭାଇ କିସି କା ଜାନ୍' ଫିଲ୍ମରେ ସେ ଅଭିନୟ କରିସାରିଛନ୍ତି। ତାଙ୍କର ୯ ବର୍ଷର ବଲିଉଡ୍ କ୍ୟାରିୟରରେ ସେ ମାତ୍ର ଚାରୋଟି ହିନ୍ଦୀ ଫିଲ୍ମରେ ଅଭିନୟ କରିଛନ୍ତି। ଆଉ ଏହାକୁ ନେଇ ଟିକିଏ ହେଲେ ମନଦୁଃଖ କରୁନାହାନ୍ତି ପୂଜା। ଏ ନେଇ ସେ କହନ୍ତି, ''ହିନ୍ଦୀ ସିନେମାକୁ ନେଇ ମୁଁ ଅନେକ ସ୍ୱପ୍ନ ଦେଖିଥିଲି। ହେଲେ ଯେଉଁ ସୁଯୋଗଗୁଡିକ ମୋତେ ମିଳିଛି ତାହା ମୋ କ୍ୟାରିୟରକୁ ମାଇଲେଜ ଦେଇପାରିଲା ନାହିଁ। ହେଲେ ଏ ନେଇ ମୁଁ ଟିକିଏ ହେଲେ ମନଦୁଃଖ କରୁନାହିଁ। ହୁଏତ ଭବିଷ୍ୟତରେ ଭଲ ସୁଯୋଗ ମିଳିପାରେ। ବର୍ତ୍ତମାନ ନିର୍ମାଣାଧୀନ ହିନ୍ଦୀ ସିନେମା 'ହେ ଜୱାନୀ ତୋ ଇସ୍କ ହୋନା ହୈ'ରେ ଅଭିନୟ କରୁଛନ୍ତି।


# ଶ୍ୱେତାରୁ ଅନୁଷ୍କା

ସେ ତାମିଲ ଏବଂ ତେଲୁଗୁ ସିନେମା ଜଗତର ଜଣେ ଲୋକପ୍ରିୟ ଅଭିନେତ୍ରୀ। ଏପର୍ଯ୍ୟନ୍ତ ପାଖାପାଖି ୫୦ଟି ସିନେମାରେ ଅଭିନୟ କରିସାରିଲେଣି। ପୁଣି ଭିନ୍ନ ଭିନ୍ନ ଭୂମିକାରେ ନିଜ ଦକ୍ଷତା ଦେଖାଇବା ସହ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସଫଳ ହୋଇଛନ୍ତି। ସେ ହେଲେ ଅନୁଷ୍କା ସେଟ୍ଟି। ତେବେ ଜାଣନ୍ତି କି ଏହି ଲୋକପ୍ରିୟ ଅଭିନେତ୍ରୀଙ୍କ ତାଙ୍କର ପ୍ରକୃତ ନାମ କ'ଣ ଥିଲା ? ତାଙ୍କ ପ୍ରକୃତ ନାମ ଥିଲା ଶ୍ୱେତା। ଯାହାକୁ ପରବର୍ତ୍ତୀ ସମୟରେ ପରିବର୍ତ୍ତନ କରି ସେ ଅନୁଷ୍କା ରଖିଥିଲେ। ସବୁଠାରୁ ଖାସ୍ କଥା ହେଲା, ଦକ୍ଷିଣ ଭାରତୀୟ ସିନେମା ଜଗତର ସେ ହେଉଛନ୍ତି ଅନ୍ୟତମ ଅଧିକ ପାରିଶ୍ରମିକ ପାଉଥିବା ଅଭିନେତ୍ରୀ। ଦୀର୍ଘ ୨୦ବର୍ଷ ଧରି ସେ ଅଭିନୟ ସହ ଜଡିତ ଅଛନ୍ତି। ୨୦୦୫ରେ ତେଲୁଗୁ ଫିଲ୍ମ 'ସୁପର'ରୁ ତାଙ୍କର ବଡ ପରଦା ଜୀବନ ଆରମ୍ଭ ହୋଇଥିଲା। ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ବିଶିଷ୍ଟ ନିର୍ଦ୍ଦେଶକ ପୁରୀ ଜଗନ୍ନାଥ ଏବଂ ପ୍ରଯୋଜନା କରିଥିଲେ ଅନ୍ୟତମ ଲୋକପ୍ରିୟ ଅଭିନେତା ନାଗାର୍ଜୁନ। ଏଥିପାଇଁ ଯେତେବେଳେ ତାଙ୍କୁ ସାଇନ୍ କରାଗଲା, ନାଗାର୍ଜୁନଙ୍କ ତାଙ୍କର ନାମ 'ଶ୍ୱେତା'ରୁ 'ଅନୁଷ୍କା'କୁ ବଦଳାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ନାମ ତାଙ୍କ ପାଇଁ ଲକି ସାବ୍ୟସ୍ତ ହୋଇଥିଲା। ଆଉ ଏହି ନାଁରେ ହିଁ ସେ ଅଭିନୟ ଦୁନିଆରେ ପରିଚିତ ହେଲେ।


ଅନୁଷ୍କା

# ଇଚ୍ଛା ଥିଲା ରେସଲର୍ ହେବେ

ବରୁଣ ଧୱନ ଅଭିନେତା ହୋଇ ନ ଥିଲେ କ'ଣ କରିଥାଆନ୍ତେ ? ଯେତେବେଳେ ସେ ପାଠ ପଢୁଥିଲେ ତାଙ୍କର ଲକ୍ଷ୍ୟ ଥିଲା ଭବିଷ୍ୟତରେ ଜଣେ ରେସଲର ହେବେ। ହେଲେ ସବୁ ଆଶା କ'ଣ ପୂରଣ ହୁଏ ? ଠିକ୍ ସେହିପରି ବରୁଣଙ୍କର ଏହି ଆଶା ଅଧୁରା ରହିଗଲା। ଏ ନେଇ ବରୁଣ କହନ୍ତି, ''ପିଲାଦିନେ ମୁଁ ରେସଲିଂ ଶିଖୁଥିଲି। ପାଠ ପଢ଼ା ଶେଷ ହେବା ପରେ ଏହାକୁ କ୍ୟାରିୟର କରିବି ବୋଲି ଭାବିଥିଲି। କିନ୍ତୁ ଇଂଲଣ୍ଡରୁ ବିଜନେସ୍ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ କରିବା ପରେ ମୁଁ ବଲିଉଡ୍ ମୁହାଁ ହୋଇଥିଲି। ସେତେବେଳେ ଜଣେ ଅଭିନେତା ହେବାର ଲକ୍ଷ୍ୟ ମଧ୍ୟ ନ ଥିଲା। କରନ୍ ଜୋହରଙ୍କ ୟୁନିଟ୍‌ରେ ଆସିଷ୍ଟାଣ୍ଟ ଡାଇରେକ୍ଟରର ଦାୟିତ୍ୱ ତୁଲାଇଥିଲି। କେବେ ଭାବି ନ ଥିଲି ଯେ କରନ୍ ସାର ମୋତେ ବ୍ରେକ୍ ଦେବେ। ହେଲେ ଥରେ ସେ ମୋତେ କହିଲେ- 'ବରୁଣ, ତୁମେ କାହିଁକି ଅଭିନୟ କରୁନ ?' ଯାହାହେଉ ଶେଷରେ ମୁଁ ଆକ୍ଟିଂକୁ କ୍ୟାରିୟର ଭାବରେ ଗ୍ରହଣ କରିନେଲି।'' ବରୁଣଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଷ୍ଟୁଡେଣ୍ଟ ଅଫ ଦି ଇୟର' ଏବଂ ଏହା ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। ବର୍ତ୍ତମାନ ନିର୍ମାଣାଧୀନ 'ବର୍ଡର ୨'ରେ ସେ ଅଭିନୟ କରୁଛନ୍ତି। ଜେ.ପି.ଦତ୍ତା ଓ ଭୂଷଣ କୁମାରଙ୍କ ଦ୍ୱାରା ପ୍ରଯୋଜିତ ଏବଂ ଅନୁରାଗ ସିଂଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ବରୁଣଙ୍କ ବ୍ୟତୀତ ସନ୍ନି ଦେଓଲ, ଅହାନ୍ ସେଟ୍ଟି, ସୋନମ ବାଜୱା ଏବଂ ମୋନା ସିଂ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମଟି ଆସନ୍ତା ବର୍ଷ ଜାନୁୟାରୀ ୨୩ରେ ରିଲିଜ ହେବାକୁ ଯାଉଛି।


ବରୁଣ

# ରକୁଲ୍‌ଙ୍କୁ ଟିପ୍ସ ଦେଲେ ଅଜୟ


ରକୁଲ

ରକୁଲ୍ ପ୍ରୀତ ସିଂ ଏବେ ଅଜୟ ଦେବଗନଙ୍କ ପ୍ରଶଂସାରେ ଶତମୁଖ। ହେଲେ କ'ଣ ପାଇଁ ? କଥା କ'ଣ କି ଏହି ଯୋଡିକୁ ନେଇ ପ୍ରସ୍ତୁତ 'ଦେ ଦେ ପ୍ୟାର ଦେ ୨' ଚଳିତ ମାସ ୧୪ରେ ରିଲିଜ ହୋଇଛି। କେବଳ ସେତିକି ନୁହେଁ, ଫିଲ୍ମଟିକୁ ପ୍ରାରମ୍ଭରୁ ଆଶାନୁରୂପ ସଫଳତା ମଧ୍ୟ ମିଳିଛି। ହେଲେ ପ୍ରଥମେ ପ୍ରଥମେ ଏଥିରେ ଅଭିନୟ କରିବା ସମୟରେ ରକୁଲଙ୍କ ମନକୁ କିଛି କଥା ଆନ୍ଦୋଳିତ କରୁଥିଲା। ତାହା ହେଉଛି କମେଡି ରୋଲ୍‌କୁ କେମିତି ଜଷ୍ଟିସ୍ ଦେବେ। ଆଉ ଏହି ଦ୍ୱନ୍ଦ୍ୱକୁ ଅଜୟ ଖୁବ୍ ସହଜରେ ସମାଧାନ କରିବାରେ ସକ୍ଷମ ହୋଇଥିଲେ। ଏ ସମ୍ପର୍କରେ ରକୁଲ୍ କହନ୍ତି, ''କଥା କ'ଣ କି କମେଡି ରୋଲ୍‌କୁ କିପରି ତୁଲାଇବି ସେ ନେଇ ମୋ ମନରେ କିଛି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। 'ଦେ ଦେ ପ୍ୟାର ଦେ ୨'ର ଶୁଟିଂ ସମୟରେ ଅଜୟ ମୋ ମନରେ ଥିବା ସେସବୁ ଦ୍ୱନ୍ଦ୍ୱର ବେଶ୍ ସରଳ ଭାବରେ ସମାଧାନ କରିଦେଇଥିଲେ। ଏ ନେଇ ତାଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ।'' ଅନ୍‌ଶୁଲ ଶର୍ମାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଆର. ମାଧବନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ୨୦୦୯ରେ କନ୍ନଡ ଫିଲ୍ମ 'ଗିଲି'ରୁ ରକୁଲ୍‌ଙ୍କ ଅଭିନୟ କ୍ୟାରିୟର ଆରମ୍ଭ ହୋଇଥିଲା। ତା'ପରେ ସେ ବେଶ୍ କେତୋଟି ତାମିଲ, ତେଲୁଗୁ ଏବଂ ହିନ୍ଦୀ ଫିଲ୍ମରେ ଅଭିନୟ କରିସାରିଛନ୍ତି। ବର୍ତ୍ତମାନ ରକୁଲ୍ ନିର୍ମାଣାଧୀନ 'ଇଣ୍ଡିଆନ୍ ୩' (ତାମିଲ) ଏବଂ 'ପତି ପତ୍ନୀ ଔର ୱ ଦୋ'(ହିନ୍ଦୀ)ରେ ଅଭିନୟ କରୁଛନ୍ତି।

# ଅପେକ୍ଷା ଆରବର୍ଷକୁ

ଆଲିଆ ଭଟ୍ଟ କେତେ ଆଶା ବାନ୍ଧିଥିଲେ ବହୁ ପ୍ରତିକ୍ଷୀତ ସିନେମା 'ଆଲଫା' ଚଳିତ ବର୍ଷ ଶେଷ ଭାଗରେ ରିଲିଜ ହେବ। କିନ୍ତୁ ତାଙ୍କର ଏହି ଆଶା ପାଣି ଫୋଟକା ପରି ମିଳେଇ ଯାଇଛି। କେତେକ କାରଣରୁ ଏହାର ରିଲିଜ ଡେଟ୍ ପୁଣି ଥରେ ଘୁଞ୍ଚାଇ ଦିଆଯାଇଛି। ଚଳଚିତ୍ରଟି ଆସନ୍ତାବର୍ଷ ଏପ୍ରିଲ୧୭ରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ୟଶରାଜ ଫିଲ୍ମସ ପକ୍ଷରୁ ସୂଚନା ଦିଆଯାଇଛି। ଏହାର କାରଣ ସମ୍ପର୍କରେ ମଧ୍ୟ ପ୍ରକାଶିତ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି। ଯେହେତୁ ଏବେ ବ୍ୟାକ୍-ଟୁ-ବ୍ୟାକ୍ କେତେଗୁଡିଏ ଭଲ ସିନେମା ରିଲିଜ ହେବ, ତେଣୁ ଏଭଳି ବ୍ୟସ୍ତତା ଭିତରେ ଏହି ଫିଲ୍ମଟି ପରଦା ଉପକରୁ ଆସିଲେ ହୁଏତ ବିଜନେସ୍ ହାମ୍ପର୍ ହୋଇପାରେ। ତେଣୁ ଆସନ୍ତା ବର୍ଷ ଏପ୍ରିଲ୧୧ ପରେ କିଛି ସପ୍ତାହ ଟିକେ ଫାଙ୍କା ରହୁଛି। ତେଣୁ ସେହି ସମୟରେ ଏଭଳି ଏକ ଭଲ ସିନେମା ରିଲିଜ କରାଇବାକୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ସ୍ଥିର କରାଯାଇଛି। ଏ ବିଷୟରେ ଆଲିଆ କହନ୍ତି, ''ପ୍ରଯୋଜନା ସଂସ୍ଥା ଯାହା ନିଷ୍ପତ୍ତି ନେଇଛି ତାହା ପୁରା ଠିକ୍। କାରଣ ଭିଡ ସମୟରେ ରିଲିଜ କଲେ ଭଲ ଫିଲ୍ମ ମଧ୍ୟ ଫ୍ଲପ୍ ହୋଇଯାଉଛି। ତେଣୁ ବେଶ୍ ଉତ୍ସୁକତାର ସହ ଆସନ୍ତାବର୍ଷ ଏପ୍ରିଲ ୧୭କୁ ଅପେକ୍ଷା କରିଛି।'' ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଆଦିତ୍ୟ ଚୋପ୍ରା ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଶିବ୍ ରାୱଲ। ହିନ୍ଦୀ ବ୍ୟତୀତ ଏହାକୁ ତେଲୁଗୁ ଏବଂ ତାମିଲ ଭାଷାରେ ମଧ୍ୟ ପ୍ରସ୍ତୁତ କରାଯାଇଛି।


ଆଲିୟା

# ମନମୋହିନୀ ସେ ସୁନାହରିଣୀ, ନିଇତି ରଚଇ ନୂଆ କାହାଣୀ

**ପ୍ରଶ୍ନ**–ଜଣେ ସୁନ୍ଦରୀର ପ୍ରେମ ଜାଲରେ ମୁଁ ଫସି ଯାଇଛି। ହେଲେ ଏବେ ତା'ପ୍ରେମ ମୋତେ କେମିତି କେମିତି ଲାଗୁଛି। ମୁଁ କ'ଣ କରିବି ଜାଣିପାରୁ ନାହିଁ। ମୋତେ କିଛି ଉପାୟ ବତାଇବେ କି ସାଥୀ ?

*–ଅନୁପମ ରାଉତ, ଯାଜପୁର*

**ଉତ୍ତର :** ସବୁ ସୁନ୍ଦରୀଙ୍କ ଇସାରାରେ ପ୍ରେମ ନ ଥାଏ। କେତେକ ସୁନ୍ଦରୀ ବାରମାସୀ ଚଢ଼େଇ ପରି ଘଡିକେ ରଙ୍ଗ ବଦଳାଇଥାଆନ୍ତି। 'ମନମୋହିନୀ ସେ ସୁନାହରିଣୀ, ନିଇତି ରଚଇ ନୂଆ କାହାଣୀ।' ଦେଖୁନାହାନ୍ତି, ଯାହାକୁ ଦିନେ ମନପ୍ରାଣ ଦେଇ ଭଲପାଉଥିଲେ ଆଜି ତାହାର ପ୍ରେମ ଉପରେ ଆପଣ କେମିତି ପ୍ରଶ୍ନବାଚୀ ଲଗାଇଲେଣି। ବୋଧହୁଏ, ଆପଣଙ୍କ ପ୍ରେମରେ ଉତ୍ସାହ ବେଶୀ ହେଲେ ବିଶ୍ୱାସ କମ୍ ରହିଛି। ତେଣୁ ଯଦି କିଛି ଠିକଠାକ ଲାଗୁନାହିଁ ତେବେ ସେଭଳି ପ୍ରେମରେ ଯେତେଶୀଘ୍ର ପୂର୍ଣ୍ଣଚ୍ଛେଦ ଟାଣିବେ ତାହା ଆପଣଙ୍କ ପାଇଁ ଭଲ ହେବ।

**ପ୍ରଶ୍ନ**–ମୁଁ ମନେ ମନେ ଜଣେ ଝିଅକୁ ଲଭ୍ କରୁଛି। ହେଲେ ସେ ମୋତେ ଲଭ୍ କରୁଛି କି ନାହିଁ କେମିତି ଜାଣିବି ?

*–ପ୍ରଦୀପ କୁମାର ନାୟକ, ନୟାଗଡ଼*

**ଉତ୍ତର :** ମନେ ମନେ ପ୍ରେମ କରିବା ଭାରି ଡେଞ୍ଜର। କାରଣ ଏଭିଳ ପ୍ରେମ କ୍ଷଣସ୍ଥାୟୀ। ଯେତେବେଳେ କୌଣସି ପଟରୁ ନେଟୱାର୍କ ପ୍ରୋବ୍ଲେମ ହୁଏ ସେତେବେଳେ ଏଭଳି ପ୍ରେମ ଗଣିତ ସମ୍ପୂର୍ଣ୍ଣ ଅଡୁଆ ତଡୁଆ ହୋଇଯାଏ। ଆପଣ ଲେଖିଛନ୍ତି ଯେ ସେହି ଝିଅକୁ ମନେ ମନେ ଲଭ୍ କରୁଛନ୍ତି। ତେଣୁ ସେପଟରୁ ଆଦୌ ସିଗନାଲ ନାହିଁ। ଯଦି ଦୁଇ ପଟରୁ ପାଣିପାଗ ଠିକ୍ ରହିଲା, ତେବେ ସେଭଳି ପ୍ରେମ ସୁରୁଖୁରୁରେ ଆଗକୁ ଆଗେଇଥାଏ। ତେଣୁ ଆପଣ ଏବେ ଯେଉଁ ପ୍ରେମରେ ବୁଡିରହି ରଙ୍ଗୀନ ସ୍ୱପ୍ନ ଦେଖୁଛନ୍ତି ତାହା ଯେ କେତେବେଳେ ଉଭେଇ ଯିବ ତାହା ନିଜେ ଜାଣିପାରିବେ ନାହିଁ। ବାସ୍, ଏବେ କି ନିଷ୍ପତ୍ତି ନେବେ ତାହା ସମ୍ପୂର୍ଣ୍ଣ ଭାବରେ ନିଜ ଉପରେ ନିର୍ଭର କରେ।

**ପ୍ରଶ୍ନ**–ମୋ ମନ କଥା ଜଣେ ସୁନ୍ଦରୀକୁ କେମିତି କହିବି ଜାଣିପାରୁନାହିଁ। ମୁଁ ତାକୁ ସିନା କିଛି କହୁନି, ହେଲେ ସେ ମୋତେ ଦେଖିଲା ମାତେ ହସି ଦେଉଛି। କ'ଣ କରିବି ?

*–ବିଶ୍ୱଜିତ, ସୁନାବେଡ଼ା*

**ଉତ୍ତର :** ଏପରି ଚାନ୍ସ ପାଇବା ପରେ ଆପଣ କେମିତି କିଛି କରିପାରୁନାହାନ୍ତି ? ବୋଧହୁଏ କେବଳ ବସି ଭାବୁଛନ୍ତି। ଏପଟେ ଏମିତି ଆପଣ ଭାବୁଥିବେ, ହେଲେ ସେପଟେ ହୁଏତ ସେହି ସୁନ୍ଦରୀ ଆଉ କାହା ମନରେ ବସା ବାନ୍ଧି ସାରିବଣି। ତେଣୁ ବିଳମ୍ବ କରୁଛନ୍ତି କିଆଁ ? ବେଳକାଳ ଦେଖି ମନର କଥା ସେହି ସୁନ୍ଦରୀ ସାମ୍ନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା, ତେବେ ଆପଣଙ୍କର ପ୍ରେମ ମିଶନ ସକସେସ ହେବାର ଚାନ୍ସ ଅଧିକ ରହିଛି। ତେଣୁ କେବଳ ଧାଡି ଦେଖି ଆଗକୁ ମାଡି ଚାଲନ୍ତୁ।

**ପ୍ରଶ୍ନ**–ସେ ମୋ ମନର ମାନସୀ, ତାହାର ଲାଜୁଆ ହସରେ ପ୍ରେମ ଭରି ରିହଛି। ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?


*–ବିନୟ କୁମାର, ଢେଙ୍କାନାଳ*

**ଉତ୍ତର :** ଆପଣ ବୋଧହୁଏ ସେହି ସୁନ୍ଦରୀକୁ ଏକତରଫା ପ୍ରେମ କରୁଛନ୍ତି। ହେଲେ ଏଭଳି ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, ହେଲେ ତାକୁ ନେଇ ଆଶାର ମୀନାର ତୋଳିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ହେଲେ ତାକୁ ଭାବି ଭାବି ଆପଣଙ୍କୁ ଦିନ ରାତି ଜଣାପଡୁ ନ ଥିବ। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଭଲ ହେବ।




ପ୍ରଥମ ରୋଜଗାର

# ୩୦୦ ଟଙ୍କା ଥିଲା ପ୍ରଥମ ରୋଜଗାର



ସାମାଜିକ କର୍ମୀ **ହରିବନ୍ଧୁ ବେହେରା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି..

**ଖୋ**ର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ରତନପୁର ଗାଁରେ ମୋ ଜନ୍ମ। ୬ ଭଉଣୀରେ ମୁଁ ଗୋଟେ ଭାଇ, ସେ ପୁଣି ସବୁଠୁ ସାନ। ଭାରୀ ଗେହ୍ଲା ଥିଲି। ହେଲେ ଦୁର୍ଭାଗ୍ୟ ମୋତେ ଯେତେବେଳେ ୪/୫ ବର୍ଷ ବୟସ ହୋଇଥିଲା ବାପାଙ୍କର ଦେହାନ୍ତ ହେଲା। ସେତେବେଳକୁ ବଡ଼ ୪ ଭଉଣୀ ବାହା ହୋଇ ସାରିଥିଲେ। ମା' ଚିଲିକାରୁ ମାଛ ଆଣି ଘରେ ଘରେ ବିକି ଯାହା ରୋଜଗାର କରୁଥିଲା, ସେଥିରେ ପରିବାର ଚଳୁଥିଲା। ଘର ଚଳାଇବାରେ ମା'କୁ ସାହାଯ୍ୟ କରିବାକୁ ୨ ଅବିବାହିତ ଭଉଣୀ ପର ଘରେ ଯାଇ ଧାନ ଉଷେଇଁବା କାମ କରୁଥିଲେ। ବାହା ହୋଇଯାଇଥିବା ଭଉଣୀମାନେ ବି ବେଳେବେଳେ କିଛି ସାହାଯ୍ୟ କରୁଥିଲେ। ପାଠ ମୋର ଭଲ ହେଉଥିଲା। ସ୍କୁଲ୍‌ରେ ସବୁବେଳେ ପ୍ରଥମ ହେଉଥିଲି। ୩ୟ, ୫ମ, ୭ମରେ ମେଧାବୃତ୍ତି ପାଇଥିଲି। ସେ ବାବଦରେ ଯେଉଁ ଟଙ୍କା ମିଳିଥିଲା, ତାକୁ ନେଇ ମା'କୁ ଦେଇଥିଲି। ଏମିତିରେ ଜନତା ହାଇସ୍କୁଲ୍, କୁହୁଡ଼ିରୁ ମାଟ୍ରିକ୍ ପାସ୍ କରିବା ପରେ ଜଣେ ସାଙ୍ଗର ପରାମର୍ଶରେ ଡିପ୍ଲୋମା ଇଞ୍ଜିନିୟରିଂ ପଢିବାକୁ ମନ ବଳାଇଲି। ଦୁର୍ବଳ ଆର୍ଥିକାବସ୍ଥା ଯୋଗୁ ମା' ଆଦୌ ରାଜି ନଥିଲା। କିନ୍ତୁ ଖୋର୍ଦ୍ଧା ଟାଉନ୍‌ରେ ରହୁଥିବା ମୋର ଜଣେ ଭିଣୋଇ ଅର୍ଜୁନ ବେହେରା ମୋ ପଢାର ସବୁ ଦାୟିତ୍ୱ ନେଲେ। ତାଙ୍କ ଆର୍ଥିକ ସହାୟତାରେ ମୁଁ କଟକସ୍ଥିତ ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟରେ ଡିପ୍ଲୋମା ଇଞ୍ଜିନିୟରିଂ କଲି। ପଢା ସରିଲା ପରେ ଖୋର୍ଦ୍ଧାରେ ସେହି ଭିଣୋଇଙ୍କ ଘରେ ରହି ଦୁଇଟି ପିଲାଙ୍କୁ ଟ୍ୟୁଶନ କରିବା ସହ ଗ୍ରୀଡ୍ ସବ୍ ଷ୍ଟେଶନରେ ଟ୍ରେନିଂ ବି ନେଉଥିଲି। ଟ୍ୟୁଶନରୁ ମାସକୁ ୩୦୦ଟଙ୍କା ପାଉଥିଲି। ତା'ସହିତ ଗ୍ରୀଡ୍ ସବ୍ ଷ୍ଟେଶନରୁ ମୋତେ ୩୨୦ ଟଙ୍କା ଷ୍ଟାଇପେଣ୍ଡ ମିଳୁଥିଲା। ସବୁ ପଇସା ଭିଣୋଇଙ୍କୁ ଦେଇ ଦେଉଥିଲି। ଭିଣୋଇ ସେଥିରୁ ମା' ପାଖକୁ କିଛି ଟଙ୍କା ପଠାଇ ଦେଉଥିଲେ। ବର୍ଷେ ପରେ ମୋର ନାଲ୍‌କୋରେ ଚାକିରି ହୋଇଗଲା। ପୋଷ୍ଟିଂ କୋରାପୁଟର ଦାମନଯୋଡ଼ିରେ ହେଲା। ସେଠି ବି ଦେଢ଼ ବର୍ଷ ଟ୍ରେନିଂ ନେଲି ; ସେହି ସମୟରେ ମୋତେ ମାସକୁ ୭୫୦ ଟଙ୍କା ଷ୍ଟାଇପେଣ୍ଡ ମିଳିଲା ; ଯାହାକୁ ୩ ଭାଗ କରି ଗୋଟେ ଭାଗ ମା' ପାଖକୁ, ଗୋଟେ ଭାଗ ଭିଣୋଇଙ୍କ ପାଖକୁ ପଠେଇ ଆଉ ଗୋଟେ ଭାଗ ନିଜ ପାଖରେ ରଖୁଥିଲି। ଏହି ସମୟରେ ପ୍ରଥମ ୬୪୯ ଟଙ୍କାର ପ୍ରିମିୟମ୍ ଦେଇ ଭିଣୋଇଙ୍କ ନାଁରେ ଏକ ଲାଇଫ୍ ଇନ୍‌ସ୍ୟୁରାନ୍ସ ବି କରାଇଥିଲି। ତା'ପରଠୁ ମୁଁ ଯେଉଁ ଟଙ୍କା ପଠାଉଥିଲି ତାକୁ ରଖି ରଖି ଭିଣୋଇ ପ୍ରତି ୩ମାସରେ ଇନସ୍ୟୁରାନ୍ସର ପ୍ରିମିୟମ୍ ଟଙ୍କା ଭରି ଦେଉଥିଲେ। ମୋ ବାହାଘର ପର୍ଯ୍ୟନ୍ତ ଏମିତି ଚାଲିଥିଲା। ତା'ପରେ ଭିଣୋଇ ମନା କଲେ ଆଉ ତାଙ୍କ ପାଖକୁ ଟଙ୍କା ପଠାଇବାକୁ। ଖାଲି ମା' ପାଖକୁ ଟଙ୍କା ପଠାଉଥିଲି। ବେଶ୍ କିଛି ବର୍ଷ ଦାମନଯୋଡ଼ିରେ ରହିବା ପରେ ମୋର ଅନୁଗୋଳକୁ ବଦଳି ହୋଇଗଲା ; ଯେଉଁଠାରେ ଏବେ ମୁଁ ଆସିଷ୍ଟାଣ୍ଟ ଜେନେରାଲ୍ ମ୍ୟାନେଜର୍ ଭାବେ କାର୍ଯ୍ୟ କରୁଛି। ଅଭାବ କ'ଣ ନିଜେ ଅଙ୍ଗେ ନିଭେଇଥିବାରୁ କାହାର କଷ୍ଟ ମୁଁ ସହି ପାରେନି। କେଉଁଠି କିଛି ଅସୁବିଧା ହେଲେ ନିଜ ସାଧ୍ୟମତେ ସାହାଯ୍ୟ କରିବାକୁ ସର୍ବଦା ତତ୍ପର ଥାଏ।

# କଳାକାର ଲିଙ୍ଗଭେଦରୁ ଊର୍ଦ୍ଧ୍ୱରେ



ତାଙ୍କର ପ୍ରତିଟି ନିଃଶ୍ୱାସ, ପ୍ରତି ଅଙ୍ଗଭଙ୍ଗୀ କହେ ଓଡ଼ିଶୀ ନୃତ୍ୟର କଥା । ଏହି ନୃତ୍ୟ ତାଙ୍କ ଜୀବନ, ମହାପ୍ରଭୁଙ୍କୁ ନିକଟରୁ ପାଇବାର ଏକ ମାଧ୍ୟମ। ଖାଲି ସେତିକି ନୁହେଁ, ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ, ଲୋକଗୀତର ପ୍ରଚାରପ୍ରସାର ପାଇଁ ବି ସେ ଅହରହ ଚେଷ୍ଟିତ। ସେ ହେଉଛନ୍ତି ଓଡ଼ିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ **ଶାଶ୍ୱତ ଜୋଷୀ**। ଏଥର ଜାଣନ୍ତୁ ତାଙ୍କ ଜୀବନର କିଛି କଥା...

ପିଲାଦିନ ମୋର ଟିଟିଲାଗଡ଼ରେ ବିତିଛି। ମା' ବାପା ଉଭୟେ ଶିକ୍ଷକ।  ମୁଁ ଭାରି ଶାନ୍ତ ସ୍ୱଭାବର ଥିଲି। ଆଉ ମା' ଙ୍କ ପିଛା କେବେ ଛାଡୁ ନ ଥିଲି। ମା' ଯେତେବେଳେ ଆଇନା ଆଗରେ ବସି ସିନ୍ଦୂର, କଜଳ ଲଗାଇ ସଜ ହେଉଥିଲେ ମତେ ଭାରି ଭଲ ଲାଗୁଥିଲା। ମା' କାନରେ ଓ କେଶରେ ଫୁଲ ଲଗାଉଥିଲେ। ତାଙ୍କୁ ଦେଖି ମୁଁ ବି କାନରେ ଫୁଲ ଲଗାଉଥିଲି। ମୋ ମା'ବାପା ମତେ କୌଣସି ଜିନିଷରେ ବାରଣ କରିନାହାନ୍ତି। ସେମାନଙ୍କ ପାଇଁ ହିଁ ମୁଁ ଯାହା ଚାହିଁଛି କରିପାରିଛି।

**ପାଠପଢ଼ା:** ପଦ୍ମନାଭପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢ଼ିବାପରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଓ ପରେ ଡିଏଭି କଲେଜରେ ପଢ଼ିଥିଲି। ପାଠପଢ଼ାରେ ବେଶି ଭଲ ନ ହେଲେ ବି ଠିକ୍‌ଠାକ୍ ଥିଲି। ମୋ ନଜରରେ ନୃତ୍ୟ ବି ଏକ ପାଠ, ସେ ପାଠରେ ମୁଁ ଭଲ କରୁଛି। ତା'ମାନେ ପାଠପଢ଼ାରେ ମୁଁ ଭଲ।

**ଓଡ଼ିଶୀ ନୃତ୍ୟର ଆରମ୍ଭ:** ପିଲାଟିଦିନରୁ ହିଁ ମତେ ଓଡ଼ିଶୀ ନୃତ୍ୟ ଓ ଲୋକନୃତ୍ୟ ଭଲ ଲାଗୁଥିଲା। ଆଧୁନିକ ନୃତ୍ୟ ପ୍ରତି ସ୍ପୃହା ଆସି ନ ଥିଲା। ଯେଉଁଠୁ ଓଡ଼ିଶୀ ନୃତ୍ୟ ଦେଖୁଥିଲି ଘରେ କରୁଥିଲି। ମୋର ଏଇ ଆଗ୍ରହ ଦେଖି ମାତ୍ର ୫ ବର୍ଷ ବୟସରେ ମା'ବାପା ମତେ ଓଡ଼ିଶୀ ନୃତ୍ୟ ଶିକ୍ଷା ଦେବା ଆରମ୍ଭ କରିଥିଲେ। ଗୁରୁ ପ୍ରଶାନ୍ତ ପଟ୍ଟନାୟକ ଓ ଗୁରୁ ଶାନ୍ତନୁ ବେହେରା ମତେ ଓଡ଼ିଶୀ ନୃତ୍ୟର ଶିକ୍ଷା ଦେବା ଆରମ୍ଭ କଲେ। ସେଠି କେବଳ ନୃତ୍ୟର ମୂଳଦୁଆ ପଡ଼ିଥିଲା। ୨୦୦୦ ମସିହାରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଯୋଗ ଦେବା ପରେ ହିଁ ମୋର ପ୍ରକୃତ ଓଡ଼ିଶୀ ତାଲିମ ଆରମ୍ଭ ହେଇଥିଲା। ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି ଓ ଇଲିଆନା ଚିତାରିସ୍ତିଙ୍କଠୁ ମୁଁ ଓଡ଼ିଶୀ ନୃତ୍ୟ ଶିକ୍ଷା ଗ୍ରହଣ କଲି।

**ମା' ଚିହ୍ନିଥିଲେ ପାଦ ଦେଖି:** ଛୋଟବେଳୁ ନାଚ ପାଇଁ ବିଭିନ୍ନ ସ୍ଥାନରେ ପୁରସ୍କାର ପାଉଥିଲି। ଭଲ ନାଚୁଥିବାରୁ ଦ୍ୱିତୀୟ ଶ୍ରେଣୀରେ ପଢ଼ିବାବେଳେ ସ୍କୁଲର ବାର୍ଷିକ ଉତ୍ସବରେ ପରଫର୍ମ କରିବା ଲାଗି ପ୍ରଧାନ ଶିକ୍ଷକ ମତେ କହିଲେ। ଆଉ ପଙ୍କଜ ଜାଲ ସାର୍ ମତେ ଓଡ଼ିଶୀ ନୃତ୍ୟ ଶିଖାଇଲେ। ବାର୍ଷିକ ଉତ୍ସବ ଦିନ ମା'ବାପା ଆସିଥିଲେ ପରଫର୍ମାନ୍ସ ଦେଖିବାକୁ। ହେଲେ ମତେ ଚିହ୍ନି ପାରି ନ ଥିଲେ। କାରଣ ସାର୍ ମତେ ଝିଅ ବେଶରେ ଓଡ଼ିଶୀ ନୃତ୍ୟ କରାଇଥିଲେ। ମୋ ମା' କିନ୍ତୁ କିଛି ସମୟ ପରେ ମୋ ପାଦ ଦେଖି ମତେ ଚିହ୍ନିଥିଲେ।

**କାହାରି କଥାକୁ ଖାତିର କରିନି:** ପୁଅ ହୋଇ ଓଡ଼ିଶୀ ନୃତ୍ୟ କରୁଥିବାରୁ ପ୍ରଥମେ ସାଙ୍ଗସାଥୀ ଓ କିଛିଲୋକ ମତେ ଥଟ୍ଟା କରୁଥିଲେ। ହେଲେ ସେତେବେଳେ ମୁଁ ସେସବୁକୁ ବୁଝିପାରୁ ନ ଥିଲି। ଆଉ ଯେବେ ବୁଝିଲି ତାକୁ ଧ୍ୟାନ ଦେଲିନି। କାରଣ ଓଡ଼ିଶୀର ପ୍ରାୟ ଗୁରୁ ହେଉଛନ୍ତି ପୁରୁଷ, ଏହାବାଦ ନୃତ୍ୟର ଦେବତା ହେଉଛନ୍ତି ସ୍ୱୟଂ ନଟରାଜ।

**ଓଡ଼ିଶୀ ନୃତ୍ୟ ହେଲା ଜୀବନର ଅଙ୍ଗ:** ଯେତେବେଳେ ମୁଁ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରେ ଓଡ଼ିଶୀ ବିଶାରଦରେ ସର୍ବଭାରତୀୟ ସ୍ତରରେ ପ୍ରଥମ ହୋଇ ଗୋଲ୍ଡ ମେଡାଲ ଓ ମାଷ୍ଟର୍ସରେ ସଙ୍ଗୀତ ରତ୍ନ ଉପାଧି ପାଇଲି, ଓଡ଼ିଶୀ ନୃତ୍ୟକୁ ମୋ ଜୀବନର ଅଙ୍ଗ ଭାବେ ଗ୍ରହଣ କରିନେଲି।

**ଫୁଲରେ ପୋତିଦେଇଥିଲେ ବିଦେଶୀ ଦର୍ଶକ:** କ୍ୟାରିୟରର ପ୍ରାରମ୍ଭିକ ସମୟରେ ଥରେ ମୁଁ ଇଟାଲୀ ଯାଇଥାଏ ପରଫର୍ମ କରିବାକୁ। ପରଫର୍ମାନ୍ସ ସମସ୍ତଙ୍କୁ ଖୁବ୍ ଭଲ ଲାଗିଥିଲା। ଏମିତିକି ଯେଉଁ ସମୟରେ ଗୁଗଲ ସମ୍ପର୍କରେ ବେଶି କେହି ଜାଣି ନ ଥିଲେ ସେ ସମୟରେ ଜଣେ ଅଷ୍ଟ୍ରେଲିୟ କ୍ରିଟିକ୍ ଲେଖିଥିଲେ 'ଶାଶ୍ୱତ ଜୋଷୀ ଇଜ୍ ଫେନୋମେନନ୍, ହି ଇଜ୍ ଲୁକିଂ ଲାଇକ୍ ଏ ଇଣ୍ଡିଆନ ଗଡ଼', ଯାହାକି ମତେ ବହୁତ ପ୍ରେରଣା ଦେଇଥିଲା। ଏହାବାଦ ଥରେ କାର୍ଲା ପ୍ରାଟୀ ନାମ୍ନୀ ଜଣେ ଇଟାଲୀୟ ବଲେରୀନା ସହ ମୁଁ ଓ ଇଲିଆନା ଚିତାରିସ୍ତି ସିସିଲିର ଏକ ଷ୍ଟେଜ୍‌ରେ ପର୍‌ଫର୍ମ କରିଥିଲୁ। ଆମ ନୃତ୍ୟ ଏତେ ଭଲ ଲାଗିଥିଲା ଯେ, ଦର୍ଶକ ଆମ ଉପରେ ଫୁଲ ବର୍ଷାକରି ଆମକୁ ଫୁଲରେ ପୋତି ପକାଇଥିଲେ। ଏସବୁ ସୁନ୍ଦର ଅନୁଭୂତି ମତେ ଆଗକୁ ବଢ଼ିବା ଲାଗି ପ୍ରେରଣା ଦେଇଥିଲା।

**ହସ୍ତତନ୍ତ ପିନ୍ଧିବାର ଉଦ୍ଦେଶ୍ୟ:** ଦୀର୍ଘ ୨୫ ବର୍ଷ ଧରି ହସ୍ତତନ୍ତ ପୋଷାକ ପିନ୍ଧି ଆସୁଛି। ମୁଁ ମୋ ରାଜ୍ୟକୁ ରିପ୍ରେଜେଣ୍ଟ କରୁଛି। ତେଣୁ ମୁଁ ନିଜ ରାଜ୍ୟର ଉଚ୍ଚମାନର ବୁଣାକାର ଭାଇ ଭଉଣୀଙ୍କୁ ପ୍ରମୋଟ ନ କରି କାହିଁକି ଅନ୍ତର୍ଜାତୀୟ ବ୍ରାଣ୍ଡ ପ୍ରମୋଟ କରିବି ? ମୋର ପୋଷାକ ଦେଖି ଆମ ଦେଶ ସହ ବିଦେଶରେ ବି ଅନେକେ ଆମ ରାଜ୍ୟର ହସ୍ତତନ୍ତ ପିନ୍ଧୁଛନ୍ତି। ଏହାଠୁ ବଡ଼ ଖୁସି କଥା ଆଉ କ'ଣ ହୋଇପାରେ ?





**ମହାପ୍ରଭୁଙ୍କୁ ଅନୁକରଣକରି ବେଶପୋଷାକ ଆପଣାଏ:** ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥ ବାରହାତ ଖଣ୍ଡୁଆ ପିନ୍ଧନ୍ତି, ମୁଁ ବି ଖଣ୍ଡୁଆ ପିନ୍ଧେ। ମହାପ୍ରଭୁ ଶୃଙ୍ଗାର କରନ୍ତି ମୁଁ ବି ଶୃଙ୍ଗାର କରେ। ମୁଁ ମହାପ୍ରଭୁଙ୍କ ସହ ତୁଳନା କରୁନାହିଁ। ମୁଁ ତାଙ୍କ ଦାସ। ଆଉ ଦାସ ଭାବେ ମୁଁ ତାଙ୍କୁ ଅନୁସରଣ କରିବାକୁ ଚେଷ୍ଟାକରେ। ତା'ଛଡ଼ା କଳାକାରମାନେ ଲିଙ୍ଗଭେଦରୁ ଊର୍ଦ୍ଧ୍ୱରେ। ଆମକୁ କୌଣସି ନିର୍ଦ୍ଦିଷ୍ଟ ଲିଙ୍ଗ ଭିତରେ ବାନ୍ଧି ରଖିବାକୁ ଚେଷ୍ଟା କରିବା ଠିକ୍ ନୁହେଁ। ଆମକୁ କଳାକାରଭାବେ ବଞ୍ଚିବାକୁ ଦେବା ଉଚିତ।

**ପ୍ରେମ କାହାଣୀ:** ମୁଁ ଯାଇଥାଏ ହାଇଦ୍ରାବାଦ ପର୍‌ଫର୍ମ କରିବାକୁ। ସେଠି ଦେଖାହୁଏ ଜଣେ ଯୁବତୀଙ୍କ ସହ। ନାଁ ତାଙ୍କର ସୁଚରିତା। ତାଙ୍କ ବଡ଼ ବଡ଼ ସୁନ୍ଦର ଆଖି ମତେ ଖୁବ୍ ଭଲ ଲାଗିଲା। ଆଉ ତାଙ୍କୁ ପ୍ରଥମ ନଜରରେ ହିଁ ପସନ୍ଦ କରିନେଇଥିଲି। କେବଳ ସେତିକି ନୁହେଁ ,ତାଙ୍କୁ ସିଧା ବାହାଘରର ପ୍ରସ୍ତାବ ବି ଦେଲି। ସେ କହିଥିଲେ ତାଙ୍କ ମା' ରାଜି ନ ହେଲେ ବାହା ହେବେ ନାହିଁ। ମୋ ମା'ବାପା ପ୍ରସ୍ତାବ ନେଇ ତାଙ୍କ ଘରକୁ ଯାଇଥିଲେ। ସମସ୍ତେ ରାଜି ହେଲେ। ତାଙ୍କର ୨ବର୍ଷର ମାଷ୍ଟର ଡିଗ୍ରୀ ସରିବା ପରେ ଯେବେ ସେ ଏମ୍ ଫିଲ୍ କରୁଥିଲେ ଆମେ ବିବାହ କଲୁ।

**ସବୁ ସମ୍ପର୍କକୁ ବାନ୍ଧି ରଖିଛି ମୋ ସ୍ତ୍ରୀ:** ମୋ ସ୍ତ୍ରୀ ଲକ୍ଷ୍ମୀ ପ୍ରତିମା। ମୋ କଥା ବୁଝିବା ସହ ମୋ ମା' ବାପା, ବନ୍ଧୁବାନ୍ଧବ ସମ୍ପର୍କୀୟ ସମସ୍ତଙ୍କ କଥା ବୁଝନ୍ତି। ସେ ଜଣେ ସ୍କୁଲ ଶିକ୍ଷୟିତ୍ରୀ। ମୋ ଝିଅକୁ ଭଲ ସଂସ୍କାର ଦେଇ ବଡ଼ କରିଛନ୍ତି।

**ସୁଖଦ ଅନୁଭୂତି:** ସବୁଠୁ ସୁଖଦ ଅନୁଭୂତି ହେଉଛି ଯେବେ ମୋ ଝିଅ ଜାୟା ଜନ୍ମହେଲା। ମୋ ଝିଅ ପୂରା ମୋ ମା'ଙ୍କ ଭଳି ଦେଖାଯାଏ। ତେଣୁ ମତେ ଲାଗେ ମୋ ମା' ପୁଣି ଥରେ ମୋ ଘରେ ଜନ୍ମ ନେଇଛନ୍ତି।

**ସ୍ତ୍ରୀଙ୍କ ଉପହାର:** ଯେବେ ଆମେ ନିଜର ସ୍ୱପ୍ନର ଘର ତିଆରି କଲୁ। ଆଉ ଭଡ଼ାଘର ଛାଡି ନିଜ ଘରକୁ ନିଜ ହାତରେ ସଜାଇ ରହିଲୁ। ସେଇଟି ଥିଲା ମୋ ସ୍ତ୍ରୀଙ୍କୁ ଦେଇଥିବା ସବୁଠୁ ବଡ଼ ଉପହାର।

**ପ୍ରିୟ ଖାଦ୍ୟ:** ମୁଁ ସମ୍ପୂର୍ଣ୍ଣ ସାତ୍ତ୍ୱିକ। ଓଡ଼ିଆ ଘରର ସବୁ ଖାଦ୍ୟ ମତେ ଭଲ ଲାଗେ। ତେବେ ସଜନା ଶାଗ, ରାଇ, ଡାଲମା, ଶାଗ ମୋର ବେଶି ପ୍ରିୟ। ଆଉ ସବୁଠୁ ବେଶି ଭଲ ଲାଗେ ମହାପ୍ରଭୁଙ୍କ ମହାପ୍ରସାଦ।

**ରଙ୍ଗବତୀ କଥା:** ମୁଁ ଅଭିନୟ କରିଥିବା ଫିଲ୍ମର ଗୀତ ଭିତରେ 'ରଙ୍ଗବତୀ' ମୋର ଭାରି ପ୍ରିୟ। କାରଣ ମୋର ଇଚ୍ଛା ଥିଲା ରଙ୍ଗବତୀ ଗୀତକୁ ବଲିଉଡ୍‌ରେ ସ୍ଥାନ ଦେବା। ସୌଭାଗ୍ୟକୁ ନୀଳମାଧବ ପଣ୍ଡା 'କୌନ୍ କିତନେ ପାନି ମେ' ଚଳଚ୍ଚିତ୍ର କଲେ, ଆଉ ସେଥିରେ ମୁଁ କୋରିଓଗ୍ରାଫି କରିବା ସହ ପରଫର୍ମ କଲି। ଆଉ ଦର୍ଶକ ଏହି ଗୀତକୁ ବହୁତ ଭଲପାଇବା ଦେଲେ, ଯାହାକି ମତେ ଆତ୍ମସନ୍ତୋଷ ଦେଇଥିଲା।

**ଓଡ଼ିଶୀ ନୃତ୍ୟ ଶିଳ୍ପୀ ନ ହୋଇଥିଲେ:** ଓଡ଼ିଶୀ ନୃତ୍ୟ ଛଡ଼ା ମୁଁ ଦ୍ୱିତୀୟ ଆଉ କିଛି ବି ଭାବି ପାରେ ନାହିଁ।

**ଅବସୋସ:** ଯାହା ଯେତେବେଳେ ଚାହିଁଛି ତାକୁ ମୁଁ ପରିଶ୍ରମକରି ପାଇଛି। ତେଣୁ ଅବସୋସ କାହିଁକି ରହିବ। ତା'ଛଡ଼ା ଅବସୋସ ରହିଲେ ଦୁଃଖ ରହିବ। ମୁଁ ଦୁଃଖରେ ରହିବାକୁ ଚାହେଁନା। ନିଜେ ଖୁସିରେ ରହି ଅନ୍ୟକୁ ଖୁସି ବାଣ୍ଟିବାକୁ ଚାହେଁ।

–ଶିବାନୀ ମହାନ୍ତି

## ହାଃ ହାଃ

### କଞ୍ଜୁସ୍

ପ୍ରେମିକା– ଚାଲ ନା, ମ୍ୟାକଡୋନାଲ୍ଡ ଯିବା।
ପ୍ରେମିକ– ଆଗ ମ୍ୟାକଡୋନାଲ୍ଡର ସ୍ପେଲିଂ କୁହ, ତା'ପରେ ଯାଇ ଯିବା।
ପ୍ରେମିକା– ଛାଡ, ସେଠି ଯିବାନି। କେଏଫ୍‌ସି ଯିବା।
ପ୍ରେମିକ– କେଏଫ୍‌ସିର ଫୁଲ୍‌ଫର୍ମ କହିଲ ଦେଖି।
ପ୍ରେମିକା– କଞ୍ଜୁସ୍ କୋଉଠିକାର। ରାସ୍ତା କଡର ସିଙ୍ଗଡା ତ ଖାଇବାକୁ ଦେ।

### ପାଣି

ଶିକ୍ଷକ ପିଲାମାନଙ୍କୁ– ମନ ଯଦି ଦୃଢ ଅଛି, ତେବେ ପଥରରୁ ବି ପାଣି ବାହାର କରିପାରିବ।
ଗୋଲୁ– ସାର୍, ମୁଁ ତ ଲୁହାରୁ ବି ପାଣି ବାହାର କରିପାରିବି ?
ଶିକ୍ଷକ– ସତ ! କେମିତି କରିବୁ କହିଲୁ ଦେଖି।
ଗୋଲୁ– ହ୍ୟାଣ୍ଡପମ୍ପ ମାରି।


### ବିଉଟିଫୁଲ୍

ରାତି ଅଧରେ ସ୍ତ୍ରୀଙ୍କ ମୋବାଇଲ୍ ବିପ୍ ହେଲା। ସ୍ୱାମୀ ନିଦ ମଳମଳ ଆଖିରେ ଚେକ୍ କରିବା ପରେ ଖୁବ୍ ରାଗିଗଲେ। ଆଉ ସ୍ତ୍ରୀଙ୍କୁ ଉଠାଇ କହିଲେ– ତମକୁ ଏତେ ରାତିରେ କିଏ 'ବିଉଟିଫୁଲ୍' ଲେଖି ପଠେଇଛି ?
ସ୍ତ୍ରୀ ମୋବାଇଲ୍‌କୁ ଭଲରେ ଦେଖି ସ୍ୱାମୀଙ୍କୁ– ଚଷମାଟା ଟିକେ ଲଗେଇକି ଭଲରେ ଦେଖ। 'ବିଉଟିଫୁଲ' ଲେଖା ହେଇନି। ଲେଖା ହେଇଛି– 'ବ୍ୟାଟେରୀ ଫୁଲ୍'।

### ଡିଗ୍ରୀ

ଭିକାରି– ଭଗବାନଙ୍କ ନାଁରେ କିଛି ଦେଇଦିଅ ବାବା।
ହତାଶ ଯୁବକ– ଏଇ ନିଅ ମୋର ଇଞ୍ଜିନିୟରିଂ ଡିଗ୍ରୀ।
ଭିକାରି– ଭାଇ, ମତେ କନ୍ଦେଇବ ନା କ'ଣ ? ତମକୁ ଦରକାର ଯଦି ଏଇ ନେଇଯାଅ ମୋର ଏମ୍‌ବିଏ ଡିଗ୍ରୀ।

# ହେମଗିରି



**ଆ**ଜକୁ ପ୍ରାୟ ଏଗାରଶହ ବର୍ଷ ତଳେ ଦାକ୍ଷିଣାତ୍ୟର ଚୋଳ ରାଜା ଚୋଳଗଙ୍ଗଙ୍କ ତତ୍କାଳୀନ କଳିଙ୍ଗ ପ୍ରଦେଶ ଉପରେ ଲଗାତାର ଆକ୍ରମଣ କରିଥିଲେ। ଏହାପରେ ସେ କଳିଙ୍ଗ ସାମ୍ରାଜ୍ୟର ପ୍ରବଳ ପ୍ରତାପୀ ସମ୍ରାଟ୍ ସୁବର୍ଣ୍ଣ କେଶରୀଙ୍କ ବଂଶଜ କପିଳକେଶରୀଙ୍କ କିଛି ଅନୁଗତଙ୍କୁ ଧରି ମହାନଦୀର ଉପରମୁଣ୍ଡ ଆଡ଼କୁ ରହିଥିବା ପର୍ବତଘେରା ଅଞ୍ଚଳ ହେମଗିରି ଗଡ଼ରେ ପହଞ୍ଚିଥିଲେ। ସେ ସମୟରେ 'ହେମଗିରିଗଡ଼'ର ଶାସକ ଥିଲେ ଆଦିବାସୀ ଜନଜାତିର। କପିଳକେଶରୀଙ୍କ ସେନା ନାୟକ ତକତ ସିଂଙ୍କ ଆକ୍ରମଣରେ ସେଠାରୁ ସପରିବାର ଅନ୍ୟ ଅଞ୍ଚଳକୁ ପଳାୟନ କରିଥିଲେ। ମାତ୍ର ସୁଖାବନ୍ଦଗଡ଼, ସାମନ୍ତ ମଶାବିରାଗଡ଼, ବେଲସରାଗଡ଼ ଓ କର୍ମାଗଡ଼କୁ (ଯାହା ଆଧୁନିକ ଛତିଶଗଡ଼ର ରାୟଗଡ ଜିଲା) ଆଦିକୁ ମିଶାଇ କପିଳକେଶରୀ ସେଠାରେ ତାଙ୍କର ଏକ ସ୍ଥାୟୀ ରାଜ୍ୟ ଭାବେ କେଶରୀଗଡ଼ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହା ମଧ୍ୟରେ ସେ ପୂର୍ବ ନାମ ସୁଖାବନ୍ଦ ଗଡ଼ରୁ ଏହାର ନାମ ପରିବର୍ତ୍ତନ କରି ନୂତନ ନାମକରଣ କରିଥିଲେ। ସେ କାଳରେ ଏଠାରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଥିଲା। ଏହାର ଭୌଗୋଳିକ ସ୍ଥିତି ଅନୁଯାୟୀ ଏହାକୁ ହେମଗିରି ଗଡ଼ ବୋଲି କୁହାଗଲା। ହିମ (ଥଣ୍ଡା) ଓ ଗିରି (ପର୍ବତ) ଅନୁସାରେ ହେମଗିରିଗଡ଼ ହେଲା। ସମୟକ୍ରମେ ରାଜା କପିଳକେଶରୀ ହେମଗିରିଗଡ଼ର ପ୍ରଥମ ଗଡ଼ତିଆ ଶାସକ ଭାବେ ସବୁଠୁ ବିଶ୍ୱସ୍ତ ତକତ ସିଂଙ୍କୁ ଦାଇତ୍ୱ ପ୍ରଦାନ କରିଥିଲେ। ଏହିପରି ଭାବେ କପିଳକେଶରୀଙ୍କ ଦ୍ୱାରା ଚନ୍ଦ୍ରବଂଶୀ ରାଜବଂଶରୁ ଆରମ୍ଭ କରି ହେମଗିରିଗଡ଼ର ସ୍ଥାପନା ଓ ଶାସନ ଆଦି ତାଙ୍କ ସମୟରେ ହୋଇଥିଲା। ଏହି ଘଟଣା ପ୍ରାୟ ୯୩୦ ଖ୍ରୀଷ୍ଟାବ୍ଦର କଥା ହେବ ବୋଲି ଐତିହାସିକଙ୍କ ମତ। ଏହା ଭିତରେ ବହୁବର୍ଷ ଅତିକ୍ରାନ୍ତ ହୋଇଗଲାଣି। ହେମଗିରିଗଡ଼ର ପ୍ରଥମ ଗଡ଼ତିଆ ଶାସକ ତକତ ସିଂଙ୍କ ପରେ ଦେଶ ସ୍ୱାଧୀନ ପର୍ଯ୍ୟନ୍ତ ପିଢ଼ି ପରେ ପିଢ଼ି ତାଙ୍କର ୩୩ ଜଣ ବଂଶଜ ହେମଗିରିଗଡ଼ର ଶାସକ ଭାବେ ଅବସ୍ଥାପିତ ହୋଇଆସିଛନ୍ତି। ଗଡ଼ରେ ଥିବା ହେମଗିରିର ରାଜବାଟୀ, ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ମନ୍ଦିର, ସୁଖାବନ୍ଦ ମହାଦେବ ମନ୍ଦିର, ମାଣିକମୁଣ୍ଡା, ଜୁନାଗଡ଼ ପରି ଆହୁରି ଅନେକ ପାହାଡ଼ ପର୍ବତ ଗୁମ୍ଫାରେ ଅନେକ ଶିଳାଲେଖ ଓ ପଥର ଖୋଦେଇ ଚିତ୍ରକଳା ଦେଖିବାକୁ ମିଳେ। ସେହିପରି ହେମଗିରି ଗ୍ରାମରେ ପୂର୍ବ ଦିଗରୁ ପ୍ରବେଶ କରୁ କରୁ ରାଜବାଟୀ, ତା' ପରିସରରେ ହେମଗିର ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ମନ୍ଦିର ରହିଛି। ପ୍ରତିବର୍ଷ ଦଶହରା ପର୍ବ ଖୁବ୍ ଧୁମ୍‌ଧାମରେ ପାଳନ ହୋଇଥାଏ। ବର୍ତ୍ତମାନ ଏଠାରେ ସ୍ଥାୟୀ ଭାବେ କେହି ରହୁ ନ ଥିଲେ ମଧ୍ୟ ରାଜବାଟୀ ଓ ମନ୍ଦିରରେ ନିୟମିତ ଗ୍ରାମବାସୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥାଏ। ରାଜବାଟୀଠାରୁ ୩ କି.ମି. ପୂର୍ବରେ ସର୍ବପୁରାତନ ସୁଖାବନ୍ଦଠାରେ ମହାଦେବ ମନ୍ଦିର ଓ ତା' ଆଗକୁ ଥିବା ଘୋର ଜଙ୍ଗଲ ମଧ୍ୟରେ ମାଣିକମୁଣ୍ଡା ଓ ଜୁନାଗଡ଼ ଗୁମ୍ଫା ଅବସ୍ଥିତ। କେଶରୀ ରାଜବଂଶର ଜନୈକ ରାଜାଙ୍କ ଦ୍ୱାରା ଏକ ମହାଦେବ ମନ୍ଦିର ନିର୍ମିତ ହୋଇଥିବାର ଅନୁମାନ କରାଯାଏ। ହେଲେ ଏହାର ସଠିକ୍ ପ୍ରମାଣ ନ ଥିବା ବେଳେ ପ୍ରାୟ ହଜାରେ ବର୍ଷ ପୂର୍ବରୁ କପିଳକେଶରୀ ଏଠାକୁ ଆସିବା ପରେ ଏହି ଜଙ୍ଗଲ ମଧ୍ୟରେ ମନ୍ଦିର ସ୍ଥାପନ କରିଥିବା ଜନଶ୍ରୁତିରୁ ଜଣାଯାଏ। ସମୟକ୍ରମେ ପ୍ରାୟ ଦୁଇଶହ ବର୍ଷ ଆଗରୁ ଏହାକୁ ଗଡ଼ତିଆ ଶାସକ ଚନ୍ଦନ ସିଂ ପୁନଃ ନିର୍ମାଣ କରାଇଥିଲେ। ମାଣିକମୁଣ୍ଡା ଓ ଜୁନାଗଡ଼ ସମେତ ଆଖପାଖର ଅନେକ ଗୁମ୍ଫାରେ ହଜାର ହଜାର ବର୍ଷ ପୂର୍ବର ପଥର ଖୋଦିତ ଶିଳାଲେଖ ଚିତ୍ରକଳା ଏବେ ବି ଦେଖିବାକୁ ମିଳୁଥିବା ବେଳେ ସେତେବେଳେ ଏହା ସୈନ୍ୟ ପ୍ରଶିକ୍ଷଣ ଶିବିର ଭାବେ ବ୍ୟବହୃତ ହେଉଥିଲା। ଏହାଛଡ଼ା କେଶରୀ ରାଜବଂଶର ୧୨ଜଣ ଭାଇଙ୍କ ନାମରେ ପାହାଡ଼ ଉପରିଭାଗରେ ଏକ କୂଅ ଅଛି, ଯାହାକୁ ୧୨ ଭାଇ କୂଅ କହନ୍ତି। ଏଥିରେ ବର୍ଷସାରା ପାଣି ଭର୍ତ୍ତି ହୋଇ ରହିଥାଏ। ଐତିହାସିକଙ୍କ ମତରେ କପିଳକେଶରୀ ଏଠାକୁ ଆସିବା ପରେ ଏଠାରେ ରହୁଥିବା ଆଦିବାସୀ ଜନଜାତିର ଯୁବତୀମାନଙ୍କୁ କନ୍ୟା ରୂପେ ଗ୍ରହଣ କରିବାର ପ୍ରଥା ଆରମ୍ଭ କରିଥିଲେ। ଆଉ ଏପରି ଭାବେ ଖଣ୍ଡାୟତ ଭୂୟାଁ ଜନଜାତିର ଉତ୍ପତ୍ତି ହୋଇଥିବା କୁହାଯାଉଛି। ସେହିପରି ହେମଗିରଗଡ଼ର ଘଞ୍ଚ ଜଙ୍ଗଲ ମଧ୍ୟରେ ହୋଇଥିବା ତଥା ଭଗବାନ୍ ଶ୍ରୀରାମଙ୍କର ତୀରମାଡ଼ରେ ଏକ ପାହାଡ଼ରେ ବିରାଟ ବାଟ ତିଆରି ହୋଇଯାଇଥିବା ଲୋକବାଣୀରୁ ଶୁଣିବାକୁ ମିଳେ, ଯାହା ଏବେ ଚେଙ୍ଗା ପାହାଡ଼ ଭାବେ ଜଣାଶୁଣା। ଏବେବି ଘୋଡ଼ାମରା ଘାଟି ନିକଟରେ ଦଣ୍ଡାୟମାନ ରହିଛି।

ଓଡ଼ିଶାର ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ମଧ୍ୟ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ଏଠାରେ ଅବସ୍ଥାନ କରି ଇଂରେଜମାନଙ୍କ ସହ ଗେରିଲା ଯୁଦ୍ଧ ଚଳାଇଥିବା କୁହାଯାଏ। ୧୮୦୩ରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଓଡ଼ିଶା ଦଖଲ ପରବର୍ତ୍ତୀ ସମୟରେ ଗାଙ୍ଗପୁର ଇଷ୍ଟେଟ୍ ଅଧୀନରେ ଆସିଥିବାବେଳେ ଦେଶ ସ୍ୱାଧୀନ ପରେ ଗାଙ୍ଗପୁର ଇଷ୍ଟେଟ୍ ଓ ବଣାଇଁ ଇଷ୍ଟେଟ୍‌ର ମିଶ୍ରଣରେ ଆଜିର ସୁନ୍ଦରଗଡ଼ ଜିଲା ଗଠନ ହୋଇଥିଲା। ଏପରି ଆହୁରି ଅନେକ ଐତିହାସିକ ଗାଥା ବହନ କରୁଥିବା ହେମଗିରିଗଡ଼ ଅଞ୍ଚଳ ପର୍ଯ୍ୟଟକ, ଗବେଷକ ଓ ପ୍ରକୃତିପ୍ରେମୀଙ୍କୁ ସବୁ ସମୟରେ ନିଜ ଆଡ଼କୁ ଆକୃଷ୍ଟ କରିଥାଏ।

– **ଗୌତମ ସାହୁ**



## ଐତିହାସିକ ପର୍ଯ୍ୟଟନସ୍ଥଳୀ

# ତୁଳାପୁର



ତୁଳାପୁର ହେଉଛି ମହାରାଷ୍ଟ୍ରର ପୁଣେ ଜିଲା ଅନ୍ତର୍ଗତ ଏମିତି ଏକ ସ୍ଥାନ; ଯେଉଁଠାରେ ମୋଗଲମାନେ ଛତ୍ରପତି ଶିବାଜୀଙ୍କର ପୁତ୍ର ସମ୍ଭାଜୀ ମହାରାଜାଙ୍କୁ ଅମାନବୀୟ କଷ୍ଟ ଦେଇ ହତ୍ୟା କରିଥିଲେ...

ମହାରାଷ୍ଟ୍ରର ପୁଣେ ଜିଲା ଅନ୍ତର୍ଗତ ଏକ ଗାଁ ହେଉଛି ତୁଳାପୁର। ପ୍ରକୃତପକ୍ଷେ ଏହା ହେଉଛି ଏକ ଐତିହାସିକ ପର୍ଯ୍ୟଟନସ୍ଥଳୀ ; ଯାହାକି ସ୍ଥାନୀୟ ଇନ୍ଦ୍ରାୟଣୀ ଓ ଭୀମା ନଦୀର ସଙ୍ଗମସ୍ଥଳରେ ଅବସ୍ଥିତ। ତୁଳାପୁରର ମରାଠା ଇତିହାସ ସହ ଖୁବ୍ ଗଭୀର ସମ୍ପର୍କ ରହିଛି। ସୂଚନାନୁଯାୟୀ, ଏହି ସ୍ଥାନରେ କୁଆଡ଼େ ମୋଗଲ ଶାସକ ଔରଙ୍ଗଜେବ ଛତ୍ରପତି ଶିବାଜୀ ମହାରାଜାଙ୍କର ପୁତ୍ର ସମ୍ଭାଜୀ ମହାରାଜାଙ୍କୁ ବନ୍ଦୀ କରି ଅମାନବୀୟ କଷ୍ଟ ଦେବା ସହ ତାଙ୍କ ଶରୀରର ଗୋଟିଏ ଗୋଟିଏ ଅଙ୍ଗକୁ କାଟି ସ୍ଥାନୀୟ ନଦୀରେ ଫିଙ୍ଗି ତାଙ୍କୁ ହତ୍ୟା କରିଥିଲେ। ସମ୍ଭାଜୀ ମହାରାଜାଙ୍କର ଏହି ବଳିଦାନ ପରବର୍ତ୍ତୀ ସମୟରେ ମରାଠା ସାମ୍ରାଜ୍ୟର ପ୍ରତ୍ୟେକଟି ବ୍ୟକ୍ତିଙ୍କୁ ଅଧିକ ଶକ୍ତିଶାଳୀ ଓ ସାହସୀ ହେବା ପାଇଁ ପ୍ରବର୍ତ୍ତାଇଥିଲା ; ଯାହାକି ମୋଗଲ ବିନାଶର ଅନ୍ୟତମ କାରଣ ସାଜିଥିଲା ବୋଲି ସାଧାରଣରେ ଚର୍ଚ୍ଚା ହୋଇଥାଏ।

### ନାମକରଣକୁ ନେଇ ଚର୍ଚ୍ଚା

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ତୁଳାପୁର ଗାଁ ପ୍ରଥମେ ନାଗରଗାଁଓ ନାମରେ ପରିଚିତ ଥିଲା। ହେଲେ ଏକ ରୋଚକ ଘଟଣା ଯୋଗୁ ଏହାର ନାମ ପରିବର୍ତ୍ତିତ ହୋଇ ତୁଳାପୁର ରଖାଗଲା। ଘଟଣାଟି ଥିଲା ଏମିତି: ଅଦିଲ ଶାହି ମନ୍ତ୍ରୀ ମୁରାରପନ୍ତ ନାମକ ଜଣେ ଧନଶୀଳ ବ୍ୟକ୍ତି ହାତୀ ଓଜନର ରୁପା ଦାନ କରିବା ପାଇଁ ଥରେ ଯୋଜନା କରିଥିଲେ। କିନ୍ତୁ ହାତୀକୁ କେମିତି ଓଜନ କରିବେ ସେ ବୁଦ୍ଧି ତାଙ୍କର ନ ଥିଲା। ଏହି କାର୍ଯ୍ୟରେ ତାଙ୍କୁ ସାହାଯ୍ୟ କରିବା ପାଇଁ ଶାହଜୀରାଜେ ନାମକ ଅନ୍ୟ ଜଣେ ବୁଦ୍ଧିମାନ ବ୍ୟକ୍ତି ଆଗକୁ ଆସିଥିଲେ। ସେ ଏକ ବଡ଼ ଡଙ୍ଗା ସାହାଯ୍ୟରେ ହାତୀକୁ ଓଜନ କରିବା ପାଇଁ ଚିନ୍ତା କଲେ। ଗାଁ ନିକଟରେ ଥିବା ନଦୀରେ ଡଙ୍ଗା ରଖି ତା'ଉପରେ ହାତୀକୁ ଚଢ଼ାଇଲେ। ହାତୀ ଚଢ଼ିବା ପରେ ଡଙ୍ଗାଟି ପାଣିରେ ଯେତିକି ବୁଡ଼ିଲା ସେଠି ଦାଗ ଦେଇ ପରେ ସେହି ଦାଗ ପର୍ଯ୍ୟନ୍ତ ରୁପା ଭର୍ତ୍ତି କରି ଏହି ଦ୍ୱନ୍ଦ୍ୱର ସରଳ ସମାଧାନ କରି ଦେଇଥିଲେ। ଯେହେତୁ ସେ ଏକ ଡଙ୍ଗା ସହିତ ହାତୀର ଓଜନକୁ ତୁଳନା କରିବାକୁ ଏହି ସ୍ଥାନରେ ଚେଷ୍ଟା କରିଥିଲେ ସେଥିପାଇଁ ପରବର୍ତ୍ତୀ ସମୟରେ ଏହି ସ୍ଥାନର ନାମକୁ ନାଗରଗାଁଓରୁ ପରିବର୍ତ୍ତନ କରାଯାଇ ତୁଳାପୁର ରଖାଯାଇଥିଲା ବୋଲି ଲୋକମୁଖରେ ଶୁଣିବାକୁ ମିଳିଥାଏ।

### କ'ଣ ଦେଖିବେ

ଅନେକ ଐତିହାସିକ ଘଟଣାବଳୀର ମୂକସାକ୍ଷୀ ରହି ଆସିଥିବା ତୁଳାପୁରରେ ପର୍ଯ୍ୟଟକ ସ୍ଥାନୀୟ ଗ୍ରାମୀଣ ପରିବେଶ ବୁଲି ଦେଖିବା ସହ ସଙ୍ଗମସ୍ଥଳ ନିକଟରେ ଥିବା ସଙ୍ଗମେଶ୍ୱର ମନ୍ଦିର ତଥା ସମ୍ଭାଜୀ ମହାରାଜାଙ୍କ ସମାଧିପୀଠ ମଧ୍ୟ ବୁଲି ଦେଖିପାରିବେ।






**✲ ସଙ୍ଗମେଶ୍ୱର ମନ୍ଦିର:** ତୁଳାପୁର ନିକଟସ୍ଥ ସଙ୍ଗମସ୍ଥଳ ପାଖରେ ଏହି ମନ୍ଦିର ଥିବା ପର୍ଯ୍ୟଟକ ଦେଖିପାରିବେ। ତେବେ ତୁଳାପୁରର ସଙ୍ଗମେଶ୍ୱର ମନ୍ଦିର ଏବଂ ମହାରାଷ୍ଟ୍ରର ରତ୍ନଗିରି ଜିଲା ଅନ୍ତର୍ଗତ ପବିତ୍ରମୟ ସ୍ଥାନ ସଙ୍ଗମେଶ୍ୱର ହେଉଛି ଦୁଇଟି ଭିନ୍ନ ଭିନ୍ନ ସ୍ଥାନ। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ପ୍ରକୃତପକ୍ଷେ ରତ୍ନଗିରିର ସଙ୍ଗମେଶ୍ୱରଠାରୁ ସମ୍ଭାଜୀ ମହାରାଜାଙ୍କୁ ମୋଗଲମାନେ ପ୍ରଥମେ ବନ୍ଦୀ କରି ପରେ ତୁଳାପୁରକୁ ନେଇ ସେଠାରେ ଅମାନବୀୟ ଦଣ୍ଡ ଦେଇଥିଲେ। କେବଳ ସମ୍ଭାଜୀ ମହାରାଜା ନୁହନ୍ତି ତାଙ୍କ ସହ ତାଙ୍କର ଜଣେ ଘନିଷ୍ଠ ମିତ୍ର ତଥା ପରାମର୍ଶଦାତା କବି କଲଶ୍‌ଙ୍କୁ ବି ମୋଗଲମାନେ ବନ୍ଦୀ କରି ତୁଳାପୁରକୁ ନେଇ ଯାଇଥିଲେ।

**✲ ସମାଧିପୀଠ:** ତୁଳାପୁରର ସଙ୍ଗମେଶ୍ୱର ମନ୍ଦିରଠାରୁ ଅଳ୍ପ ଦୂରରେ ସମ୍ଭାଜୀ ମହାରାଜାଙ୍କ ସମାଧିପୀଠ ଥିବାର ମଧ୍ୟ ପର୍ଯ୍ୟଟକ ବୁଲି ଦେଖିପାରିବେ। ତେବେ ଏହି ସମାଧିପୀଠକୁ ନେଇ ବି କିଛି ଦ୍ୱନ୍ଦ୍ୱ ରହିଛି। କିଛି ଐତିହାସିକ ମତ ଦିଅନ୍ତି ଯେ, ଔରଙ୍ଗଜେବ ସମ୍ଭାଜୀ ମହାରାଜାଙ୍କ ଶରୀରର ବିଭିନ୍ନ ଅଙ୍ଗକୁ କାଟି ସ୍ଥାନୀୟ ନଦୀକୁ ଫିଙ୍ଗି ଦେଇ ସେଠାରୁ ଚାଲିଯିବା ପରେ ଗାଁ ଲୋକମାନେ ନଦୀରୁ ସେହି କଟିଯାଇଥିବା ଅଙ୍ଗଗୁଡ଼ିକୁ ଗୋଟାଇ ଆଣି ତୁଳାପୁରର ଏହି ସ୍ଥାନରେ ତାଙ୍କର ସମାଧିପୀଠ ପ୍ରତିଷ୍ଠା କରିଥିଲେ। ସେହିପରି ଆଉ କେତେଜଣ ଐତିହାସିକଙ୍କ ମତରେ, ତୁଳାପୁରଠାରୁ ମାତ୍ର ଅଳ୍ପ କିଛି ଦୂରରେ ବଧୂ ବା ବଧୂ ବୁଦ୍ରୁକ ନାମକ ଆଉ ଏକ ଗାଁ ରହିଛି ; ଯେଉଁଠାରେ ସମ୍ଭାଜୀ ମହାରାଜା ଏବଂ ତାଙ୍କ ମିତ୍ର କବି କଲଶ୍‌ଙ୍କର ମଧ୍ୟ ଏକ ସମାଧିପୀଠ ସ୍ଥାପନ କରାଯାଇଛି। ଏହି ଦ୍ୱନ୍ଦ୍ୱର ସମାଧାନ ଏ ପର୍ଯ୍ୟନ୍ତ ବି ହୋଇପାରିନି ଯେ, କେଉଁଠାରେ ସମ୍ଭାଜୀ ମହାରାଜାଙ୍କ ପ୍ରକୃତ ସମାଧିପୀଠ ରହିଛି। ଏସବୁ ସତ୍ତ୍ୱେ ବି ମରାଠା ଇତିହାସରେ ଏହି ଦୁଇଟି ସ୍ଥାନର ସମାନ ମହତ୍ତ୍ୱ ରହିଥିବା ଦେଖିବାକୁ ମିଳିଥାଏ।





# ସ୍ୱାଦିଷ୍ଟ ଖାଦ୍ୟ ଖାଇଲେ ଲାଳ କାହିଁକି ବାହାରେ

**ଆଚାର, ଗୁପଚୁପ୍ ହେଉକି ମସଲାଯୁକ୍ତ କିଛି ସ୍ୱାଦିଷ୍ଟ ଖାଦ୍ୟ, ଦେଖିଦେବା ମାତ୍ରେ ପାଟିରୁ ଆପେ ଲାଳ ବାହାରିଯାଏ। ହେଲେ କେବେ ଭାବିଛନ୍ତି ଏମିତି କାହିଁକି ହୁଏ? ଜାଣନ୍ତୁ ସେ ସମ୍ପର୍କରେ...**







ଆମେ ଯେବେ ଖଟ୍ଟା ଖାଦ୍ୟ ଖାଉ ଅଧିକ ଲାଳ ବାହାରେ। କାହିଁକି ନା ଅମ୍ଳର ପ୍ରଭାବକୁ କମାଇବା ଓ ଦାନ୍ତକୁ ଖଟା ହେବାରୁ ବଞ୍ଚାଇବା ଲାଗି ଶରୀର ଅଧିକ ଲାଳ ଉତ୍ପନ୍ନ କରିଥାଏ। ଏହା ଏକ ସୁରକ୍ଷାତ୍ମକ ପ୍ରତିକ୍ରିୟା ଅଟେ।
ଅର୍ଥାତ୍ ଖଟ୍ଟା ଖାଦ୍ୟରେ ଅମ୍ଳ ମାତ୍ରା ଅଧିକ ରହିଥାଏ। ଏହି ଅମ୍ଳକୁ ପତଳା କରିବା ଓ ତା'ର ହାନିକାରକ ପ୍ରଭାବକୁ କମ୍ କରିବା ପାଇଁ ଆମର ଲାଳଗ୍ରନ୍ଥି ଅତିରିକ୍ତ ଲାଳ ତିଆରି କରିଥାଏ। ଲାଳ ଖାଦ୍ୟକୁ ଆର୍ଦ୍ର କରିଥାଏ, ଯାହାଦ୍ୱାରା ଖାଦ୍ୟକୁ ଗିଳିବା ସହଜ ହୋଇଯାଏ। ଆଉ ଖାଦ୍ୟ ନଳୀ ଦେଇ ଖାଦ୍ୟ ସହଜରେ ପେଟଯାଏ ପହଞ୍ଚିଯାଏ। ଲାଳରେ ଥିବା ଏନ୍‌ଜାଇମ୍ ଷ୍ଟାର୍ଚ୍ଚକୁ ଭାଙ୍ଗିବା ଆରମ୍ଭ କରିଦିଏ। ଆଉ ଅତିରିକ୍ତ ଲାଳ ଅମ୍ଳୀୟ ପରିବେଶକୁ ସନ୍ତୁଳିତ କରିଥାଏ।
ଏହାବାଦ ସ୍ୱାଦିଷ୍ଟ ମସଲାଯୁକ୍ତ ଖାଦ୍ୟ ଖାଇଲେ ବି ଲାଳ ବୋହିବା ଏକ ସାମାନ୍ୟ ଶାରିରୀକ ଓ ତନ୍ତ୍ରିକା ପ୍ରତିକ୍ରିୟା, ଯାହାକୁ ପାଚନ କ୍ରିୟାର ପ୍ରସ୍ତୁତି ରୂପେ ବୁଝାଯାଇପାରେ।

**ଏହା ପଛର ବୈଜ୍ଞାନିକ କାରଣ:** ଏହି ପ୍ରକ୍ରିୟା ମୁଖ୍ୟତଃ ଏକ ରିଫ୍ଲେକ୍ସ ଆକ୍ସନ ଅଟେ, ଯେଉଁଥିରେ ମସ୍ତିଷ୍କ ଓ ଲାଳଗ୍ରନ୍ଥି ସାମିଲ ହୋଇଥାନ୍ତି।
**ସେନ୍ସରୀ ସିଗ୍‌ନାଲ:** ଆମେ ଯେବେ ମସଲାଯୁକ୍ତ ଅବା ସ୍ୱାଦିଷ୍ଟ ଭୋଜନ ଦେଖୁ, ଆଘ୍ରାଣ କରୁ ଅବା ତା' ସମ୍ପର୍କରେ ଭାବୁ ତେବେ ଆମ ଆଖି ଓ ନାକ ଏହି ସଙ୍କେତ ମସ୍ତିଷ୍କର ସମ୍ବନ୍ଧିତ କେନ୍ଦ୍ରଗୁଡ଼ିକୁ ପଠାଇଥାଏ। ଖାସ୍‌କରି ମେଡୁଲାରେ ସ୍ଥିତ ଲାଳ କେନ୍ଦ୍ରକୁ। ମସ୍ତିଷ୍କ ସେହି ସଙ୍କେତକୁ ଭୋଜନର ସମ୍ଭାବିତ ସେବନ ରୂପରେ ଚିହ୍ନିଥାଏ। ଆଉ ଏହା ମାନି ନିଏ କି ଖାଦ୍ୟ ଖୁବ୍ ଶୀଘ୍ର ଆସିବାକୁ ଯାଉଛି। ମସ୍ତିଷ୍କ ନିଜର ଅଟୋମିକ ନର୍ଭସ ସିଷ୍ଟମ ମାଧ୍ୟମରେ ଲାଳ ଗ୍ରନ୍ଥି ଗୁଡ଼ିକୁ ଅଧିକ ତିଆରି କରିବା ସହ ତାକୁ କ୍ଷରଣ କରିବାକୁ ନିର୍ଦ୍ଦେଶ ଦେଇଥାଏ। ଲାଳ ଖାଦ୍ୟକୁ ନରମ ଓ ଆର୍ଦ୍ର କରିଥାଏ। ଯଦ୍ୱାରା ଏହାକୁ ଚୋବାଇବା ଓ ଗିଳିବା ସହଜ ହୋଇଥାଏ। ଲାଳରେ ଏମାଇଲେଜ୍ ଭଳି ଏନ୍‌ଜାଇମ୍ ଥାଏ, ଯାହାକି ମୁହଁରେ ହିଁ କାର୍ବୋହାଇଡ୍ରେଟ୍‌ର ପାଚନ ଆରମ୍ଭ କରିଦିଏ। ଲାଳ ଭୋଜନର ସ୍ୱାଦକୁ ପୁରା ମୁହଁର ଚାରିଆଡକୁ ପହଞ୍ଚାଇବାରେ ବି ସାହାଯ୍ୟ କରିଥାଏ।

**ମନୋବୈଜ୍ଞାନକ କାରଣ:** ଏହି ପ୍ରତିକ୍ରିୟାରେ ପାବଲୋଭିଆନ କଣ୍ଡିସନିଂ ବା ଅନୁବନ୍ଧିତ ପ୍ରତିବର୍ତ୍ତର ଯୋଗଦାନ ବି ରହିଥାଏ। ଛୋଟବେଳୁ ଆମର ମସ୍ତିଷ୍କ ସ୍ୱାଦିଷ୍ଟ ଭୋଜନର ଦୃଶ୍ୟ ଓ ଗନ୍ଧକୁ ଖାଇବାର କ୍ରିୟା ଓ ସେଥିରୁ ମିଳୁଥିବା ଖୁସି ସହ ଯୋଡିବା ଶିଖିନେଇଥାଏ। ଫଳରେ କେବଳ ଭୋଜନକୁ ଦେଖିବା ଅବା ସେ ସମ୍ପର୍କରେ ଚିନ୍ତା କରିବା ହିଁ ଲାଳ କ୍ଷରଣକୁ ଟ୍ରିଗର କରିବା ପାଇଁ ପର୍ଯ୍ୟାପ୍ତ ହୋଇଥାଏ।
ସଂକ୍ଷେପରେ କହିବାକୁଗଲେ ପାଟିରେ ଲାଳ ଆସିବା ହେଉଛି ଶରୀରରେ ଭୋଜନକୁ ସେବନ ଓ ପାଚନ ପାଇଁ ପ୍ରଥମରୁ ପ୍ରସ୍ତୁତି କରିବାର ଏକ ସ୍ମାର୍ଟ ଉପାୟ ଅଟେ।



# ମଜାଦାର ଖେଳ

ଯେବେ ମୁଣ୍ଡରୁ କେଶ ଧିରେ ଧିରେ ଝଡି କମିବାକୁ ଲାଗେ ଭାରି କଷ୍ଟ ହୁଏ। ଏ ସମସ୍ୟା ଉଭୟ ନାରୀ ଓ ପୁରୁଷଙ୍କର ଥାଏ। ହେଲେ ପୁରୁଷମାନେ ବେଶି ଏହି ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଆଉ କେଶ ଝଡି ଝଡି ଚନ୍ଦା ହୋଇଯାଆନ୍ତି। ଚନ୍ଦା ହେବାର ଦୁଃଖ କେତେ ତାହା କେବଳ ଚନ୍ଦା ଲୋକ ହିଁ ଜାଣନ୍ତି। ହେଲେ ଖୁସିର କଥା ଯେ, ଚନ୍ଦା ଲୋକଙ୍କ ଖୁସି ପାଇଁ ଅଛି ଏକ ଗେମ୍, ଯାହାର ନାଁ ହେଉଛି 'ଟଗ୍ ଅଫ୍ ୱାର୍'। ଜାପାନର ଟିସୁରୁଟା ସହରରେ ପ୍ରତିବର୍ଷ ଏହି ଖେଳ ପ୍ରତିଯୋଗିତା ଆୟୋଜନ କରାଯାଏ, ଯାହାକି ଏକ ବେଶ୍ ମଜାଦାର ଖେଳ। ଏଥିରେ ଦୁଇଜଣ ଚନ୍ଦାଲୋକଙ୍କ ମୁଣ୍ଡରେ ଦୁଇଟି ସକ୍ସନ୍ କପ୍ ଲଗାଯାଏ। ସକ୍ସନ କ୍ୟାପ୍ ଦୁଇଟିକୁ ଯୋଡ଼ିଥାଏ ମଝିରେ ବନ୍ଧାଯାଇଥିବା ଏକ ସୁତା। ଦୁଇ ଚନ୍ଦାବ୍ୟକ୍ତି ପରସ୍ପରର ମୁହାଁମୁହିଁ ହୋଇ ଗୁରୁଣ୍ଡିବା ଭଳି ବସି ନିଜ ନିଜ ମୁଣ୍ଡରେ ଲଗାଯାଇଥିବା ସକ୍ସନ କପ୍‌କୁ ଟାଣି ଟାଣି ବାହାର କରିବାକୁ ଚେଷ୍ଟା କରନ୍ତି। ଏହି ଦୃଶ୍ୟ ମଜାଦାର ଲାଗେ। ୧୯୮୯ ମସିହାରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଆସୁଛି।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଆଣ୍ଠୁଆ ଯୁଗ

ପ୍ରାଣପ୍ରିୟା ପତ୍ନୀ ମୋର ପ୍ରାୟ ପିଲାକାଳୁ ଆଣ୍ଠୁଆ ରୋଗରେ ଆଣ୍ଠେଇଛନ୍ତି । ଚଲା ବୁଲା ସହଜ ହୁଏନି ତାଙ୍କୁ । ପୀଡ଼ାରୁ ମୁକ୍ତ ହେବାପାଇଁ ପୀଡ଼ାନ୍ତକ ବା ପେନ୍‌କିଲର ବଟିକା ଗିଳିବା ବନ୍ଦ ହୁଏନି କେବେ । ତା'ର ପାର୍ଶ୍ୱ ପ୍ରତିକ୍ରିୟା,..କ୍ରିୟା ଠୁ ବି ବେଶି ହୁଏ । ଗ୍ୟାସ୍ ରୋଗ ପାଇଁ କଲବଲ ହୋଇ ଔଷଧ କିଣିବା ଖାଇବା ଚାଲିଛି ସିନା, ହେଲେ ଆଣ୍ଠୁ ଗୋଡ଼ ଚାଲେନି କି ହଲି ବୁଲି ପାରେନି । ଅତି ସୁନ୍ଦର ଯନ୍ତ୍ରଣାରେ ଜୀବନ ଜିଇବା ଛଡ଼ା ଆଉ ଉପାୟ କ'ଣ ? ଆଜ୍ଞା ! ସିଏ କ'ଣ ଏକା ? ଦୁନିଆରେ ପରା ଦଶ ଜଣରେ ଜଣେରୁ ଅଧିକା..ଏଇ ଆଣ୍ଠୁଆ ରୋଗରେ ଆକ୍ରାନ୍ତ ! କାନ୍ଦି କୁଢେଇ ହୁଅନ୍ତି ଆତଯାତ !

ଗୋଟେ ଅଫିସରେ ଜଣେ ବାବୁଙ୍କ ପ୍ରାପ୍ୟ ମୋଟା ବିଲ୍ ପାସ୍ କରେଇ ବଡ଼ବାବୁ ଯେଉଁ ଉପକାର କଲେ, ସେଥିରୁ କିଛି ଅର୍ଥ ଖରଚା କରି ସେଇ ପ୍ରଭୁଭକ୍ତ ମନ୍ଦିରରେ ସମସ୍ତଙ୍କ ପାଇଁ ସୁନ୍ଦର ସ୍ୱାଦିଷ୍ଟ ପ୍ରସାଦ ବ୍ୟବସ୍ଥା କରାଇ ନିମନ୍ତ୍ରଣ କଲେ । ବଡ଼ଠାରୁ ତଳତଳିଆ ସଭିଏ ବସି ପ୍ରସାଦ ସେବନ କରିବାକୁ ତଳେ ଦରି ପାରି ବସିବାକୁ ଆୟୋଜକ ଅନୁରୋଧ କଲେ । ହେଲେ ତାଙ୍କ ଭିତରେ ମାତ୍ର ଚାଳିଶି ବରଷିଆ ଉଚ୍ଚ ଅଧିକାରୀ ଚକା ପକେଇ ତଳେ ବସିବା କଥା ଶୁଣି ବିବ୍ରତ ହୋଇପଡ଼ିଲେ । ଘରେ ଚଉକି ଟେବୁଲରେ ବସି ଭୋଜନ କରି ଏବଂ ବିଭିନ୍ନ ଉପାୟରେ ଏଣ୍ଡୁଡେଣ୍ଡୁ ଭକ୍ଷଣରେ ଉଦର ଓଜନ ବଢ଼େଇବା ସହ ଆଣ୍ଠୁଆ ରୋଗରେ ପୀଡ଼ିତ ହୋଇ ବଡ଼ କଷ୍ଟ ଭୋଗୁଥିଲେ । ତାଙ୍କ ବିକଳ ଚାହାଁଣିର କରୁଣ ପରିସ୍ଥିତି ଦେଖି, ପିଅନ ଚରଣ ଚାନ୍ଦ, କୁଆଡୁ କ'ଣ ଇଟା, କାଠ ଯୋଗାଡ଼ କରି ତା'ଉପରେ ନିଜ ଗାମୁଛା ପାରିଦେଇ ବାବୁଙ୍କୁ ଅନୁରୋଧ କରି କହିଲା, ଆଜ୍ଞା ! ଏବେ ଏଇ ଟେବୁଲରେ ପ୍ଲାଷ୍ଟିକ-କାଗଜ ପ୍ରସାଦ ଥାଳି ରଖି ଆରାମରେ ଖାଆନ୍ତୁ, କିଛି ଆଉ ଭାବନ୍ତୁ ନାହିଁ । ଅଗତ୍ୟା ଉପାୟହୀନ ବାବୁ ସେଇଆ କରି କାମ ଚଳେଇଦେଲେ । ଏମିତି ଆଣ୍ଠୁଆ ରୋଗୀ ଉଣ୍ଡାଳିଲେ ପ୍ରାୟ ପ୍ରତିଘରେ ବୟସ ନିର୍ବିଶେଷରେ ବାହାରିବେ ।

ଆଗରୁ, ଦଶ-ଚାଳିଶ ବରଷ ତଳୁ ଯୋଉଠି ମିଟିଂ କି ବଡ଼ ସଭା ହେଉଥିଲା, ମଞ୍ଚରେ ଅତିଥି ବକ୍ତାଙ୍କ ଛଡ଼ା ବାକି ସମସ୍ତ ଶ୍ରୋତା ତଳେ ଘଣ୍ଟା ଘଣ୍ଟା ଧରି ବସି ଶୁଣୁଥିଲେ । ହଜାରେ ଶ୍ରୋତାରୁ ନିହାତି ଅକର୍ମଣ୍ୟ ଅସୁସ୍ଥ ବୃଦ୍ଧ ଜଣେ ଅଧେ ଛଡ଼ା ଆଉ କେହି ଚଉକିରେ ବସିବାକୁ ଇଚ୍ଛା କରୁ ନ ଥିଲେ । ମାଇଲି ମାଇଲି ବାଟ ଚାଲି ଚାଲି ଯାଉଥିଲେ । ହେଲେ ଏବେ ହଜାରେ ଲୋକରୁ ଆଉ ପାଞ୍ଚ, ଦଶ ନୁହଁ ବରଂ ପ୍ରାୟ ସମସ୍ତେ ଚୌକି ଖୋଜିଲେଣି ; ଯେମିତି ଆଜିକାଲି ବହୁତ ଲୋକ ଆପଣା ବୃତ୍ତି ଛାଡ଼ି ରାଜନୀତିରେ ଚଉକି ମୋହରେ ପଡ଼ିଲା ପରି । ମୁଁ ଆଗରୁ ବୁଝିପାରୁ ନ ଥିଲି ଆଗକାଳ ଲୋକ ଦାରିଦ୍ର୍ୟ ଅବସ୍ଥାରେ ଭଲ ଭିଟାମିନ ଶକ୍ତିଯୁକ୍ତ ଖାଦ୍ୟ ଖାଇବାକୁ ନ ପାଇ ଆଳୁ ଚକଟା ପଖାଳ ଭାତ, ଖୁଦ ମାଣ୍ଡିଆ ଯାଉ ଖାଇ, ଏତେ ସୁସ୍ଥ ସବଳ କେମିତି ରହି ଅଶୀ ବରଷ ଯାଏ ବି କାର୍ଯ୍ୟକ୍ଷମ ରହୁଥିଲେ...ପୁଣି ବିନା ଜୋତା ଚପଲରେ ଚାଲି ପାରୁଥିଲେ । ବିନା ଆୟୋଡିନ ଲୁଣ, ଅର୍ଥାତ ଦରିଆର ମାଟିଆ ଲୁଣ, ମୋଟା ବଗଡ଼ା ଚାଉଳର ଭାତ ବିନା ତିଅଣ ଭଜାରେ ପରିବାର ଚଳେଇ ଆପେ ଚଳୁଥିଲେ । ଦାନ୍ତକାଠି ଆଉ ଘଷି ପାଉଁଶରେ ଦାନ୍ତ ଘଷି ବୁଢ଼ାଯାଏ ମଜଭୁତ ଦାନ୍ତରେ ଗୋଟା ଗୁଆ ବି ଚୋବାଉଥିଲେ, ଆଖୁ, କଞ୍ଚା କଇଁଆ, ପିଜୁଳି, ଟାଣୁଆ ନଡ଼ିଆ, ଚାଉଳ ଭଜା ମୁଢ଼ି ଚୋବାଉଥିଲେ । ନଇଁ ନଇଁ ଘରକାମ, ଲିପାପୋଛା, ଢିଙ୍କି-କୁଟା, ଚକିରେ ଚାଉଳ ପେଷା କି ଶିଳରେ ବଟା ବଟି ନାରୀମାନେ କରୁଥିଲେ । ହେଲେ କାହାରି ଆଜିକାଲି ପରି ଅଣ୍ଟା ଆଣ୍ଠୁ ବିନ୍ଧା ହେବାର ଦେଖାଯାଉ ନ ଥିଲା କି କେହି ଫିଜିଓଥେରାପି ସେଣ୍ଟର



ଖୋଜି ଧାଉଁ ନ ଥିଲେ । ମାତ୍ର ଏବେ ବହୁତ ଦାମୀ ଭିଟାମିନଯୁକ୍ତ ଖାଦ୍ୟ ଡାକ୍ତରଙ୍କ ପରାମର୍ଶ କ୍ରମେ ଛୋଟ ଛୁଆରୁ ବୟସ୍କ ଯାଏ ଖାଉଛନ୍ତି, ମର୍ନିଂ ଇଭିନିଂ ୱାକ୍ କରୁଛନ୍ତି, ଭେଣ୍ଡିଆ ଜିମ୍ ଧାଉଁଛନ୍ତି, ମାଛ, ମାଉଁସ... କୁକୁଡ଼ା, ଛେଳି, ଘୁଷୁରି, ବାଦୁଡ଼ି, ଚିଲିକା ଚଢ଼େଇ, କଙ୍କଡ଼ା ଯାହା ଯେତେବେଳେ ଯୋଉଠି ମିଳିଲା, ସବୁ ଗିଳି ବି ଚାଳିଶି ଡେଇଁଲେ ଏତେ ଦୁରୁବଳିଆ ହାଲିଆ ଆଣ୍ଠୁଆ ରୋଗୀ, ପୋକଡ଼ା ଦାନ୍ତିଆ ବଢ଼ୁଛନ୍ତି କେମିତି ? ଆଗରୁ ମୋଟା ଘଣା ସୋରିଷ ତେଲ, ଘିଅ, ମିଠା, ଗୁଡ଼, ଚାରି ଓଳି ଭାତ ଖାଇ, ଆଜିକାଲି ପରି ଏତେ କୋଉଠି ଥିଲେ ହାର୍ଟ ରୋଗୀ, ଭେନ ବ୍ଲକେଜ ରୋଗୀ କି ଡାଇବେଟିସିଆ ରୋଗୀ ? ଏବେ ଏତେ ପ୍ରକାର ସ୍ୱାସ୍ଥ୍ୟ ସଚେତନତା ସତ୍ତ୍ୱେ କର୍କଟ ରୋଗ, ଶର୍କରା, ରକ୍ତଚାପ, ହୃଦ୍‌ରୋଗ ପିଲାରୁ ବୟସ୍କ ଯାଏ ସମସ୍ତଙ୍କର ବଢ଼ୁଛି ! ପିଲାବେଳୁ ଆଖିରେ ଚଷମା ଲାଗୁଛି । ଧୀରେ ଧୀରେ ପାୱାର ବଢ଼ୁଛି । ସବୁ ସଚେତନତା ସବୁ ସତର୍କତାମୂଳକ ସ୍ୱାସ୍ଥ୍ୟ ବାର୍ତ୍ତା ପାଇବା ସତ୍ତ୍ୱେ ଅକାଳ ବାର୍ଦ୍ଧକ୍ୟ ବଢ଼ୁଛି କି ନା କହୁ ନାହାନ୍ତି ! ଯାହାର ଆଣ୍ଠୁଆ ରୋଗ ସିଏତ ଆଣ୍ଠଉଛି, ବାକି ପରିବାରରେ ଅନେକ ପ୍ରକାରିଆ ବେମାରୀରେ ଡାକ୍ତର ବଇଦ ପାଖକୁ ଧାଇଁ, ମୋଟା ଅର୍ଥ ଦଣ୍ଡରେ ଦଣ୍ଡିତ ହୋଇ ହୋଇ ଆଣ୍ଠଉଛନ୍ତି । କେହି କେହି କହୁଛନ୍ତି ଚୁଡ଼ା ଚାଉଳ, କାଳିଆ ଗୁଡ଼, ମାଟିଆ ଲୁଣ, ଘିଅ କି ସୋରିଷ ତେଲ,.. ଥିଲା ବହୁତ ଭଲ । ଏବେ ସଫା ଚାଉଳ, କରୁଛି ଭାରି ଦୁର୍ବଳ । ସଫେଦ ଚିନି, ଫାଷ୍ଟ ଫୁଡ଼ ଚାଉମିନ ଆମ ପାଇଁ ବଡ଼ ଶତ୍ରୁ ସାଜିଲାଣି । ରିଫାଇନ, ଜୀବନକୁ ରି-ଫାଇନ ମାନେ ଆହୁରି ପତଳା କରି ଅକାଳ ମରଣକୁ ଡାକିଲାଣି । ଦାନ୍ତକାଠି, ଠିକ ରଖିଥିଲା ଦାନ୍ତ ପାଟି । ଏବେ ବଜାରରେ ମିଳୁଥିବା ଟୁଥପେଷ୍ଟ ବ୍ରସ,... କଲାଣି ସର୍ବନାଶ । ପୁରୁଣା ଖାଇବା ତେଲ, ଥିଲା ବରଂ ଭଲ । ଭଲ ଥିଲା ମାଟି ହାଣ୍ଡି କଡେଇର ରୋଷେଇ । ଏବେର ପ୍ରେସର କୁକର ଆଣ୍ଠୁଆ ରୋଗକୁ ଡାକି ପ୍ରେସର ବଢ଼େଇ.. ଜୀବନକୁ ଦଉନି ତ ଭସେଇ ? ବଜାରରେ ମିଳୁଥିବା ବହୁମୂଲ୍ୟ ଥଣ୍ଡା ବୋତଲ ଜଳ, ଆମଠୁ ଟଙ୍କା ଝଡ଼େଇ ଲଣ୍ଡା କରେଇ ଦେହରେ ଭରୁଛି କି ନା ଜହର.. ? ବଢ଼ାଉଛି ବ୍ଲଡ଼ରେ ସୁଗାର ! ହେ ପ୍ରିୟ ପଣ୍ଡିତ ପାଠକ ପ୍ରବର ! ଏଇ କଥାର ସତ୍ୟତା ଅଛି କି ନା ଟିକେ ବିଚାର କର ! ନ ହେଲେ ଏଇ ଅଣ୍ଟା ଆଣ୍ଠୁ-ଗଣ୍ଠିଆ ବେମାର, କରିପାରେ ଜୀବନକୁ ନାରଖାର । କିନ୍ତୁ ମୋ ବିଚାର ଅଲଗା । ବିଦେଶୀ କମ୍ପାନୀ ବିଦେଶୀ ବୁଦ୍ଧି, ଆମ ଫରେନିଆ ଜିନିଷ, ବେଶ, ଭାଷା, ଶିକ୍ଷା, ସଂସ୍କୃତି ପ୍ରତି ପ୍ରବଳ ପିରତି ଓ ମୋହ-ଆସକ୍ତି ଜାଣି ଏବଂ ଆମ ଦେଶୀ ମଣିଷ ଦେଶୀ ଜିନିଷକୁ ନାକ ଟେକୁଛେ ବୋଲି ବୁଝିପାରି, ସେମାନେ କୌଶଳ କରି ଦୁନିଆ ଆଗରେ ଆମଠୁ ବିଭିନ୍ନ ଉପାୟରେ ଅର୍ଥ ଶୋଷି ଆମକୁ ଆଣ୍ଠେଇ ଦେଉଛନ୍ତି । ଘର ପୂର୍ବଜଙ୍କ ବୋଲରେ ନ ଚାଲି ପର-ପାଶ୍ଚାତ୍ୟ ଶିକ୍ଷାର ଅର୍ଥ ଲୋଭୀଙ୍କ ମାୟା-ଫାଶ, ଯାହା ଉପରକୁ ଚହଟ ଚିକ୍କଣ.. ଭିତରେ କଲା କି ସର୍ବନାଶ ? ଆଉ କେଇବର୍ଷ ଆଗକୁ ଗଲେ, ଶହକେ ଶହେ ଆଣ୍ଠେଇଲେ, ଆଧୁନିକ ଯୁଗ କହିବେ ନା ଆଣ୍ଠୁଆ ଯୁଗ କହିବେ କୁହନ୍ତୁ ତ ! ହେଲେ ମୋ କଥା ହେଲା ଯାହାର ପାଦ ନାହିଁ, ସେ ଆଉ କାହା ବୋଲରେ ଚାଲିବ ନାହିଁ କି ଯାହାର ଆଣ୍ଠୁ ନାହିଁ, ସେ ଆଉ କାହା ଚାଲବାଜିରେ ଆଣ୍ଠେଇବ ବା କାହିଁ ? ଭଗବାନଙ୍କ ପାଖରେ କୃତଜ୍ଞ.. ତାଙ୍କ ଛଡ଼ା ଆଉ କାହା ଆଗରେ ଆଣ୍ଠେଇବାକୁ ମତେ ଆଉ ସୁଯୋଗ ଦେଲେ ନାହିଁ । ହେଲେ ନଖକୁ ମାଉଁସ ଧରିଲା ପରି, ପତ୍ନୀଙ୍କ ଆଣ୍ଠୁଆ ରୋଗ ପାଖରେ ସାରା ଜୀବନ ଯେ, ନ ଆଣ୍ଠେଇଛି ଏ କଥା କହିପାରିବି ନାହିଁ ।

-ମଙ୍ଗରାଜ ପୁର, ପୁରୀ
ମୋ: ୭୦୦୮୧୮୮୪୭


## ପୁସ୍ତକ ସମୀକ୍ଷା

### ଶହୀଦ ବିକା

ଲେଖକ: କୁଳମଣି ବେହେରା

ପ୍ରକାଶକ -ଅଭିମାନ, ମୂଲ୍ୟ -୧୫୫ ଟଙ୍କା

କୁଳମଣି ବେହେରାଙ୍କ ''ଶହୀଦ ବିକା'' ନାଟକଟି ଅଭିମାନ ପ୍ରକାଶନୀ ଦ୍ୱାରା ପ୍ରକାଶ ପାଇଛି । ''ଶହୀଦ ବିକା '' ନାଟକଟି ୧୯୩୮ ମସିହାର ତାଳଗଡ ଆନ୍ଦୋଳନରେ ଶହୀଦ ହୋଇଥିବା ମହାନ୍ ବିପ୍ଳବୀ ବିକା ନାଏକଙ୍କୁ ନେଇ ରଚିତ । ରାଜା, ମହାରାଜା ତଥା ସେମାନଙ୍କ ବେତନ ଭୋଗୀ କର୍ମଚାରୀଙ୍କ ଅତ୍ୟାଚାରକୁ ରୂପରେଖ ଦିଆଯିବା ସଂଗେ ସଂଗେ ପ୍ରଜାଙ୍କୁ କରାଉଥିବା ବେଠି, ବେକାରୀ ଓ ସେମାନଙ୍କଠାରୁ ଜବରଦସ୍ତି ଆଦାୟ କରାଯାଉଥିବା କର ସମ୍ପର୍କରେ ବିଭିନ୍ନ ଚରିତ୍ର ମାଧ୍ୟମରେ ନାଟ୍ୟକାର ଦର୍ଶେଇଛନ୍ତି । ଶହୀଦ ବିକା ନାୟକଙ୍କ ଆତ୍ମ ବଳିଦାନର ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏହି ନାଟକଟିରେ ପ୍ରଜାଗଡ଼ ସଂଘର୍ଷ ଓ ବିଦ୍ରୋହର କଥା ଆଞ୍ଚଳିକ ଭାଷାର ଛୁଆଁ ଦେଇ ଜୀବନ୍ତ କରିବାର ସୁନ୍ଦର ପ୍ରୟାସ କରିଛନ୍ତି । ନାଟକଟି ସବୁ ବର୍ଗର ପାଠକ ଏବଂ ନାଟ୍ୟପ୍ରେମୀଙ୍କୁ ପସନ୍ଦ ହେବ ବୋଲି ଆଶା କରାଯାଏ ।




### ଛାଇ ଠାରୁ ଦୂରରେ

କବି : ଜିତେନ୍ଦ୍ର ପରିଡ଼ା

ପ୍ରକାଶକ : ଇଭେଣ୍ଟସ ବୁକ୍ସ, ମୂଲ୍ୟ : ୨୫୦

ଇଭେଣ୍ଟସ ବୁକ୍ସ ଦ୍ୱାରା ଜିତେନ୍ଦ୍ର ପରିଡ଼ାଙ୍କ କବିତା ସଙ୍କଳନ 'ଛାଇ ଠାରୁ ଦୂରରେ' ପ୍ରକାଶ ପାଇଛି । କବି ଜିତେନ୍ଦ୍ର ପରିଡ଼ା କବିତାର ଛଳ ମାଧ୍ୟମରେ ଉକ୍ତ ପୁସ୍ତକରେ ସତ୍ୟକୁ ପରିବେଷଣ କରିବାର ଅନୁପମ କଳା ଉଜୁଡେଇ ପାରିଛନ୍ତି । କବିତାଗୁଡ଼ିକ ପଢ଼ିଲାବେଳେ ଲାଗିବ କବିଙ୍କ ନିଜକୁ ପରିପ୍ରକାଶ କଲାବେଳେ ଉପଯୁକ୍ତ ପଟ୍ଟଭୂମିଟିଏ ଆପଣାଛାଏଁ ଆବିଷ୍କାର କରିନିଏ । ଆହୁରି ମଧ୍ୟ ଲାଗେ ଯେମିତି ଘଟଣାମାନଙ୍କ ଦ୍ୱାରା କବି ହିଁ ନିର୍ବାଚିତ ହୋଇଛନ୍ତି ସେସବୁକୁ କବିତାର ଆକାର ଦେବା ଲାଗି । ପ୍ରଥମ କବିତା 'ପାଳି' ଠାରୁ 'ଏବଂ ଶେଷ କବିତା' ଯାଏ ସମସ୍ତ କବିତା ତାଙ୍କର ସରଳ ଓ ସ୍ୱଚ୍ଛ ଅଭିବ୍ୟକ୍ତି ରଖିବାରେ ସମର୍ଥ ହୋଇଛି । କବିଙ୍କର ଏ ନିରୁତା ଭାବଧାରା ପାଠକୀୟ ଅସ୍ତିତ୍ୱକୁ ଭାବାଦ୍ର କରିବ ବୋଲି ଆଶା କରାଯାଏ ।





### ବୁଝିବାର ଅନୁବାଦ ବୁଝେଇବା

ଲେଖକ : ଓଁ ଅଭିଜ୍ଞାନ ସାହୁ

ମୂଲ୍ୟ : ୧୦୦ ଟଙ୍କା , ପ୍ରକାଶକ : ଗ୍ରନ୍ଥମନ୍ଦିର

ଓଁ ଅଭିଜ୍ଞାନ ସାହୁଙ୍କ 'ବୁଝିବାର ଅନୁବାଦ ବୁଝାଇବା' କେତେକ ରମ୍ୟରଚନାର ସମାହାର । ତାଙ୍କର ଏ ରଚନାଗୁଡ଼ିକ କେବଳ ଚଟୁଳ ଗଦ୍ୟର ସମାହାର ନୁହେଁ ,ବରଂ ସେଗୁଡ଼ିକ ବଳିଷ୍ଠ ସାମାଜିକ ବାର୍ତ୍ତା ବହନକାରୀ । ପୁସ୍ତକଟିରେ ସ୍ଥାନିତ ଲେଖାଗୁଡ଼ିକରେ ଆମୋଦ ଯେତିକି ବିଦ୍ରୁପ ସେତିକି । ସମାଜର ପ୍ରଚଳିତ ଜୀବନବୋଧକୁ ଏଥିରେ ତୀକ୍ଷଣ ଓ ତୀବ୍ର ପ୍ରଶ୍ନ କରାଯାଇଛି । ପଢିଲେ ଲାଗିବ ସାମାଜିକ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ପାଇଁ ଲେଖାଗୁଡ଼ିକ ଯେମିତି ଅଭିପ୍ରେତ । ସାମାଜିକ ଜୀବନର ଗତାନୁଗତିକ ବିଡ଼ମ୍ବନାକୁ ନେଇ ଲେଖକ ଅସନ୍ତୁଷ୍ଟ । ସେ ଚାହାନ୍ତି ଆମୂଳ ପରିବର୍ତ୍ତନ । ଏଠି ଲେଖାଗୁଡ଼ିକ ଲେଖକଙ୍କର ପ୍ରସାଧନୀ ନୁହେଁ ବରଂ ଅସ୍ତ୍ର । ଲେଖାଗୁଡ଼ିକ ଶୈଳୀଗତ ଦିଗରୁ ନିଶ୍ଚିତ ଭାବରେ ସୁଖପାଠ୍ୟ । ବାକ୍ୟ ଗଠନରେ ଏକ ବିରଳ ମାରକ ଶକ୍ତି ଏ ବହିଟିର ସ୍ୱାତନ୍ତ୍ର୍ୟ । ଗ୍ରନ୍ଥ ମନ୍ଦିର ଦ୍ୱାରା ପ୍ରକାଶିତ ଏ ବହିଟି ପାଠକମାନଙ୍କ ଶ୍ରଦ୍ଧାଭାଜନ ହେବ ବୋଲି ବିଶ୍ୱାସ ।



ବ୍ୟାକ୍ ପେଜ୍






# ଆଇସ୍କ୍ରିମ୍ ବୁକେ

**ନା**ନା ରଙ୍ଗର ଏହି ଫୁଲଗୁଡ଼ିକୁ ଦେଖି ଭାବୁଛନ୍ତି କି ଏହା ଫୁଲତୋଡ଼ା ବୋଲି। ହେଲେ ପ୍ରକୃତରେ ଏସବୁ ସତସତିକା ଫୁଲତୋଡ଼ା ନୁହେଁ। ବରଂ ଏହା ହେଉଛି ଆଇସ୍କ୍ରିମ୍ କୋନ୍, ଯାହାକୁ ଏମିତିଭାବେ ତିଆରି କରାଯାଇଛି, ତାହା ଫୁଲତୋଡ଼ା ପରି ଲାଗୁଛି। ଆଉ ଏହା ଏତେ ସୁନ୍ଦର ଓ ଜୀବନ୍ତ ଲାଗେ ଯେ, ଖାଇବାକୁ ଇଚ୍ଛା ହେବ ନାହିଁ। ବରଂ ସାଇତି ରଖିବାକୁ ଇଚ୍ଛା ହେବ। ଫୁଲତୋଡ଼ା ପରି ଦେଖିବାକୁ ଏହି ଆଇସ୍କ୍ରିମ କୋନ୍ ମିଳୁଛି ଜାପାନ, କ୍ୟୋଟୋସ୍ଥ ଶିନପୁହକାନ ଶପିଂ କମ୍ପ୍ଲେକ୍ସରେ ଥିବା ଶିଜେନ୍ କାଫେରେ। ଗୋଲାପ, ଲିଲାକ, ଜାପାନୀ କାମେଲିଆ ଭଳି ବିଭିନ୍ନ ସୁନ୍ଦର ସୁନ୍ଦର ଫୁଲର ଆଇସ୍କ୍ରିମ କୋନ୍ ଏହି କାଫେରେ ତିଆରି କରାଯାଇଥାଏ। ଏହି ଆଇସ୍କ୍ରିମ  ବୁକେ ବିଭିନ୍ନ ରଙ୍ଗ ଓ ଫ୍ଲେଭରରେ ଉପଲବ୍ଧ ହୋଇଥାଏ। ଏହାର ମୂଲ୍ୟ ୧୧ ୟେନ୍। ଉକ୍ତ ଆଇସ୍କ୍ରିମ ବୁକେକୁ ତିଆରି କରିବା ଲାଗି ଆଜୁକି ନାମକ ଏକ ବିନ୍ସକୁ ସିଝାଇ ସେଥିରେ ଚିନି ମିଶାଇ ଆଙ୍କୋ ନାମକ ଏକ ମିଠା ଲାଲରଙ୍ଗର ପେଷ୍ଟ ତିଆରି କରାଯାଇଥାଏ। ଏହି ପେଷ୍ଟରୁ ହିଁ ସୁନ୍ଦର ସୁନ୍ଦର ରଙ୍ଗବେରଙ୍ଗ ଫୁଲ ତିଆରି କରାଯାଇଥାଏ। ଏହି ଫୁଲ ଭଳି ଆଇସ୍କ୍ରିମର ଫଟୋକୁ କାଫେ ନିଜ ସୋସିଆଲ ମିଡିଆରେ ଅପ୍ଲୋଡ୍ କରିଥାଏ। ସୋସିଆଲ ମିଡିଆରେ ଏହାକୁ ବହୁ ମାତ୍ରାରେ ପସନ୍ଦ କରାଯାଉଛି। ଫଳରେ ଏହି କାଫେ ଏବେ ବେଶ୍ ପରିଚିତ ହୋଇପାରିଛି।



# ସନ୍ଫିଶ୍ ସ୍ୱେଟର

**ଶୀ**ତଦିନ ଆସିଲେ ସ୍ୱେଟର କଥା ମନେପଡ଼େ। କିଏ ସାଇତା ହୋଇଥିବା ସ୍ୱେଟର ବାହାରକରନ୍ତି ତ ଆଉ କିଏ ପୁରୁଣା ଡିଜାଇନର ସ୍ୱେଟର ପିନ୍ଧିବାକୁ ପସନ୍ଦ ନ କରି ନୂଆ ଷ୍ଟାଇଲ୍, ନୂଆ ଡିଜାଇନ୍ର ସ୍ୱେଟର କିଣନ୍ତି। ସବୁବେଳେ ନୂଆ ଓ କିଛି ଭିନ୍ନ ପିନ୍ଧିବାକୁ ପସନ୍ଦ କରୁଥିବା ଗ୍ରାହକଙ୍କ ପାଇଁ ବଜାରରେ ବିଭିନ୍ନ ଡିଜାଇନ୍ର ସ୍ୱେଟର ଉପଲବ୍ଧ ହୁଏ। ଏବେ ସେମିତି ଏକ ନୂଆ ଡିଜାଇନର ସ୍ୱେଟର ଆସିଛି, ଯାହାକି ପ୍ରଥମ ନଜରରେ ଆଦୌ ସ୍ୱେଟର ପରି ଲାଗିବ ନାହିଁ। କାରଣ ଏହାର ଆକାର ଓ ଦେଖିବାକୁ ସାମୁଦ୍ରିକ ମାଛ 'ସନ୍ଫିଶ୍' ବା 'କମନ୍ ମୋଲା' ପରି। ଆଉ ଏହାକୁ ପିନ୍ଧିଲେ ଲୁକ୍ ସନ୍ଫିଶ୍ ପରି ଲାଗିବ ଓ ଭାରି କ୍ୟୁଟ୍ ଦେଖାଯିବେ। ଜାପାନର କ୍ଲଦିଂ ବ୍ରାଣ୍ଡ ଫେଲିସିମୋ ଏହାକୁ ଲଞ୍ଚ କରିଛି। ସାମୁଦ୍ରିକ ମାଛ ପରି ଏହି ସ୍ୱେଟରରେ  ମାଛର ଡେଣା ସାଜିଛି ସ୍ୱେଟରର ହାତ। ଆଉ ମାଛର ପାଟି ହୋଇଛି ସ୍ୱେଟରର ବେକଭାଗ। ଏହାକୁ ଉଭୟ  ଜିନ୍ସ ଓ ସ୍କର୍ଟ ସହ ପିନ୍ଧିହେବ। ଏହାର ମୂଲ୍ୟ ୫୩ ଡଲାର ଧାର୍ଯ୍ୟ କରାଯାଇଛି।





# ବାପ୍ରେ ଏତେ ଫ୍ଲେକ୍ସିବଲ୍!

**ବ୍ରି**ଟେନ୍ର ଲିବର୍ଟି ବାରୋସ୍। ବୟସ ମାତ୍ର ୧୪ ବର୍ଷ। ହେଲେ ଏହି ବୟସରେ ସେ ନିଜ ଶରୀରକୁ ଏତେ ନମନୀୟ କରିପାରିଛନ୍ତି, ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ମଣିଷ ଶରୀର ଯେ, ଏତେ ନମନୀୟ ହୋଇପାରେ ଓ ଅସମ୍ଭବ ଭାବେ ମୋଡ଼ି ହୋଇପାରେ ବିଶ୍ୱାସ କରି ହୁଏନାହିଁ। ହେଲେ ଏହି ଅସମ୍ଭବକୁ ସମ୍ଭବ କରି ସେ ଏତେ କମ୍ ବୟସରେ ନିଜ ନାଁରେ କରିପାରିଛନ୍ତି ଅନେକ ରେକର୍ଡ। ତନ୍ମଧ୍ୟରୁ ଗୋଟିଏ ହେଉଛି ମୁଣ୍ଡକୁ ପଛପଟକୁ କରି ଅଣ୍ଟାକୁ ସମ୍ପୂର୍ଣ୍ଣଭାବେ ପଛପଟକୁ ନୁଆଇଁ ପଛପଟୁ ହିଁ ଦୁଇହାତରେ ଦୁଇ ଆଣ୍ଠୁକୁ ଧରି ଦ୍ରୁତଗତିରେ ଚାଲିବା। ଏମିତିଭାବେ ଚାଲି ସେ ୨୦ ମିଟର୍ ବାଟକୁ ମାତ୍ର ୨୨.୫୩ ସେକେଣ୍ଡରେ ପାର୍ କରି ଗିନିଜ ୱାର୍ଲଡ ରେକର୍ଡ୍ସରେ ସ୍ଥାନ ପାଇଲେ। ତେବେ ଶରୀରକୁ ଏଭଳି କରିବା ପାଇଁ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡ଼ିନି। ଏମିତିରେ ତ ସେ ପ୍ରାକୃତିକ ଭାବେ ବହୁତ ଫ୍ଲେକ୍ସିବଲ। ତା'ସହ ନିଜ ଶରୀରକୁ ଅଧିକ ଫ୍ଲେକ୍ସିବଲ କରିବା ଲାଗି ସେ ଦିନକୁ ୪-୫ ଘଣ୍ଟା ଅଭ୍ୟାସ କରୁଥିଲେ। ସେଇ ପରିଶ୍ରମର ଫଳସ୍ୱରୂପ ସେ ପୃଥିବୀର ସବୁଠାରୁ ଅଧିକ ଫ୍ଲେକ୍ସିବଲ୍ ଝିଅଭାବେ ପରିଚିତ ହେଉଛନ୍ତି।